

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୮ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 08 OCTOBER 2022
Vol.No. 33 ■ No. 260 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରକାଶ ପାଇଲା ଓସିଏସ୍ ରେଜଲ୍ଟ : ତେଜସ୍ୱିନୀ ଟପ୍ପର






ଭୁବନେଶ୍ୱର, ୦୭/୧୦(ନି.ପ୍ର): ପ୍ରକାଶ ପାଇଲା ଓଡିଶା ସିଭିଲ ସର୍ଭିସ୍ (ଓସିଏସ୍) ରେଜଲ୍ଟ। ଓପିଏସସି ଦ୍ୱାରା ପରିଚାଳିତ ଓସିଏସ୍ -୨୦୨୦ ରେ ମୋଟ ୩୯୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪୮ ଜଣ ଛାତ୍ରୀ ରହିଛନ୍ତି। ପ୍ରଥମ ତିନି ସ୍ଥାନରେ ମହିଳା ରହିଛନ୍ତି। ପ୍ରଥମ ୧୦ଟି ସ୍ଥାନରେ ୭ ଜଣ ଝିଅ ଥିବା ବେଳେ ୩ ଜଣ ପୁଅ ରହିଛନ୍ତି। ତେଜସ୍ୱିନୀ ବେହେରା ୧ ନମ୍ବର ରାଙ୍କ ହାସଲ କରିଥିବା ବେଳେ ତାଲିକାର ଦ୍ୱିତୀୟ ସ୍ଥାନରେ ଶୁଭଙ୍କରୀ ସୁଦେଷ୍ଣା ଦାସ ଓ ତୃତୀୟ ସ୍ଥାନରେ ଅନନ୍ୟା ସୃଷ୍ଟି ଶତପଥୀ ରହିଛନ୍ତି। ସେହିପରି ଦେବବ୍ରତ କର ୪ର୍ଥ ସ୍ଥାନରେ ଥିବା ବେଳେ ଦେବବ୍ରତ ମହାରଣା ପଂଚମ , ଅଭିସ୍ମିତା ତିୱାରୀ ଷଷ୍ଠ, ଶୁଭଶ୍ରୀ ରଥ ୭ମ, ଶ୍ରୀତପା ମିଶ୍ର ୮ମ ସ୍ଥାନ ଅଧିକାର କରିଛନ୍ତି । ବିବେକାନନ୍ଦ ଷଡ଼ଙ୍ଗୀ ୯ମ ଓ ତପତି ରାଜଙ୍କୁ ଦଶମ ସ୍ଥାନ ମିଳିଛି । ଏକାଦଶ ସ୍ଥାନରେ ପଙ୍କଜ କୁମାର ମହାନ୍ତ, ଦ୍ୱାଦଶରେ ତନ୍ମିତା କର ଓ ୧୩ ନମ୍ବରରେ ଅଭିଜିତ ଷଡ଼ଙ୍ଗୀ ରହିଛନ୍ତି। ସେହିପରି ୧୪ ନମ୍ବର ସ୍ଥାନରେ କସ୍ତୁରୀ ପଣ୍ଡା, ୧୫ ନମ୍ବରରେ ବିଭୂପ୍ରସାଦ ସିଂହ, ୧୬ ନମ୍ବରରେ ବିଶ୍ୱଜିତ ପଣ୍ଡା, ୧୭ ନମ୍ବରରେ ହରପ୍ରିୟା ପୃଷ୍ଟି, ୧୮ ନମ୍ବରରେ ରାମକୃଷ୍ଣ ସତ୍ୟରାଜ ଗୁରୁ, ୧୯ ନମ୍ବର ଅଣାକାର ନାୟକ, ୨୦ ତମ ସ୍ଥାନରେ ଲିତୁସ୍ମିତା ମିଶ୍ର ଅଛନ୍ତି। ଓସିଏସ୍ ପରୀକ୍ଷାରେ ଟପର ହୋଇଥିବା ତେଜସ୍ୱିନୀ ବେହେରା କହିଛନ୍ତି, ପ୍ରଥମ ହେବି ବୋଲି ଭାବି ନଥିଲି। କିନ୍ତୁ ଲିଷ୍ଟରେ ନାଁ ରହିବ ନିଶ୍ଚିତ ଥିଲି। ଅର୍ଥନୀତି ଏବଂ ଗୃହ ବିଜ୍ଞାନ ଅପ୍ସନାଲ ରଖିଥିଲି। ଜେଏନୟୁରେ ଅର୍ଥନୀତିରେ ପିଜି କରିବା ଦିନରୁ ପ୍ରସ୍ତୁତି ଚଳାଇଥିଲି ବୋଲି ତେଜସ୍ୱିନୀ କହିଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶୁଭଙ୍କରୀ ସୁଦେଷ୍ଣା ଦାଶ କହିଛନ୍ତି, "ଦ୍ୱିତୀୟ ଥରରେ ସଫଳତା ପାଇଛି। ୨୦୧୯ ମସିହାରେ ପ୍ରଥମେ ଓସିଏସ୍ ଦେଇଥିଲି। କିନ୍ତୁ ପ୍ରିଲିମ୍ସରୁ କଟିଥିଲି। ପ୍ରାଣୀ ଚିକିତ୍ସକ ଭାବେ ଚାକିରି କରୁଥିଲି। ପରୀକ୍ଷା ପାଇଁ ଚାକିରି ଛାଡ଼ିଥିଲି। ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୧୯ ତାରିଖରୁ ୩୦ ତାରିଖ ମଧ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଓସିଏସ୍ ପରୀକ୍ଷାରେ ପ୍ରିଲିମ୍ ପାଇଁ ପ୍ରାୟ ୬୦ ହଜାର ପିଲା ପରୀକ୍ଷା ଦେଇଥିଲେ। ସେ ଭିତରୁ ମେନ ପାଇଁ ୪ ହଜାର ୭ ଶହ ୪ ଜଣ ସିଲେକ୍ଟ ହୋଇଥିଲେ। ତେବେ ଶେଷ ପର୍ଯ୍ୟାୟ ସାକ୍ଷାତକାର ପରୀକ୍ଷା ପାଇଁ ମୋଟ୍ ୭୮୪ ପରୀକ୍ଷାର୍ଥୀ ମନୋନୀତ ହୋଇଥିଲା ବେଳେ କୃତକାର୍ଯ୍ୟ ହୋଇଛନ୍ତି ମୋଟ୍ ୩୯୨ ଜଣ।

## ପୁଟିନଙ୍କ ପରମାଣୁ ଧମକକୁ ଗୁରୁତର ସହ ନେଲେ ଆମେରିକା ରାଷ୍ଟ୍ରପତି



ନୂଆଦିଲ୍ଲୀ, ୦୭/୧୦ : ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଭିତରେ ପରମାଣୁ ଆକ୍ରମଣର ବିପଦ ବଢ଼ିବାରେ ଲାଗିଛି । ଏହାରି ଭିତରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ବଡ଼ ବୟାନ ଦେଇଛନ୍ତି । କହିଛନ୍ତି, ୧୯୬୨ର ଶୀତଳଯୁଦ୍ଧ ପରେ ପ୍ରଥମଥର ବିଶ୍ୱରେ ପରମାଣୁ ଆକ୍ରମଣର ବିପଦ ଦେଖାଦେଇଛି । ଏବେ ରୁଷ୍ ରାଷ୍ଟ୍ରପତି ପୁଟିନ ଯେଉଁ ପରମାଣୁ ଧମକ ଦେଉଛନ୍ତି, ତାହା ଆଦୌ ପରିହାସ ନୁହେଁ । ବର୍ତ୍ତମାନର ସ୍ଥିତି ଦେଖି ଲାଗୁଛି ଯେ ଆଗକୁ ବିପଦ ବଢ଼ିପାରେ ବୋଲି ବାଇଡେନ୍ କହିଛନ୍ତି । ଦୁନିଆର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ରପତିଙ୍କ ମୁହଁରେ ଏଭଳି ସ୍ୱୀକାରୋକ୍ତି ଅନ୍ୟ ରାଷ୍ଟ୍ର ପାଇଁ ଚିନ୍ତାର କାରଣ ପାଲଟିଛି । ଆମେରିକା ପାଖରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଭରପୂର ମହଜୁଦ ରହିଛି । ଏହା ସତ୍ତ୍ୱେ ପୁଟିନଙ୍କ ଧମକକୁ ବାଇଡେନ୍ ଗୁରୁତ୍ୱର ସହ ନେବା ଅନ୍ୟ ଦେଶ ପାଇଁ ଚିନ୍ତାଜନକ । ନ୍ୟୁୟର୍କରେ ଡେମୋକ୍ରାଟିକ ପାର୍ଟିର ଫଣ୍ଡରେଜିଂ କାର୍ଯ୍ୟକ୍ରମରେ ଦଳୀୟ ସମର୍ଥକଙ୍କ ସହ କଥାବାର୍ତ୍ତା ବେଳେ ବାଇଡେନ୍, ପୁଟିନଙ୍କ ପରମାଣୁ ଧମକରୁ ସୃଷ୍ଟି ହେଉଥିବା ବିପଦ ସମ୍ପର୍କରେ କଡ଼ା ମନ୍ତବ୍ୟ ଦେଇଛନ୍ତି । ସେ ରୁଷ ଓ ୟୁକ୍ରେନ୍ ଯୁଦ୍ଧ କଥା ଦୋହରାଇଥିଲେ । ବାଇଡେନ୍ କହିଛନ୍ତି, କ୍ୟୁବା କ୍ଷେପଣାସ୍ତ୍ର ସଙ୍କଟ ପରେ ପ୍ରଥମଥର ଆମର ପରମାଣୁ ଅସ୍ତ୍ର ବ୍ୟବହାର ପ୍ରତି ସିଧାସଳଖ ବିପଦ ଦେଖାଦେଇଛି । ୟୁକ୍ରେନରେ ଯୁଦ୍ଧ କରିବା ପାଇଁ ରୁଷ୍ ପାଖରେ କମ ବିକଳ୍ପ ରହିଛି । ସେଥିପାଇଁ ପୁଟିନ ପରମାଣୁ ଅସ୍ତ୍ର ବ୍ୟବହାର କରିବାକୁ ଧମକ ଦେଉଛନ୍ତି । ଅନ୍ୟପକ୍ଷରେ ▶▶ପୃଷ୍ଠା ୭

## ଧାମନଗର ଉପନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର, ୦୭/୧୦(ନି.ପ୍ର): ଧାମନଗର ଉପନିର୍ବାଚନ ନେଇ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।ଏଥିସହ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ନଭେମ୍ବର ୩ ତାରିଖରେ ଏହି ଆସନ ପାଇଁ ଭୋଟ୍ ଗ୍ରହଣ ହେବ । ବିଜ୍ଞପ୍ତି ଅନୁସାରେ ଅକ୍ଟୋବର ୧୪ରେ ନାମାଙ୍କନ ପତ୍ର ଦାଖଲ ଶେଷ ତାରିଖ ରହିଛି । ସେହିପରି ଅକ୍ଟୋବର ୧୫ ତାରିଖ (ଶନିବାର) ନାମାଙ୍କନ ପତ୍ର ଯାଂଚ ହେବ। ଅକ୍ଟୋବର ୧୭ ତାରିଖ (ସୋମବାର) ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ରହିଛି। ନଭେମ୍ବର ୩ ତାରିଖ (ଗୁରୁବାର) ଭୋଟ ଗ୍ରହଣ କରାଯିବ। ସେହିପରି ନଭେମ୍ବର ୬ ତାରିଖରେ ଭୋଟଗଣତି ଓ ୨୦୨୨ ନଭେମ୍ବର ୮ ତାରିଖ (ମଙ୍ଗଳବାର) ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ଜଣାପଡିଛି। ଭୋଟ୍ ଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଉପନିର୍ବାଚନରେ ମୋଟ୍ ୨୫୨ ଟି ବୁଥ୍ ରେ ଭୋଟ ଗ୍ରହଣ ହେବ। ଧାମନଗରରେ ମୋଟ ୨ ଲକ୍ଷ ୩୮ ହଜାର ୩୬୦ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୨୩ ହଜାର ୧୩ ପୁରୁଷ ଓ ୧ ଲକ୍ଷ ୧୫ ହଜାର ୩୧୪ ମହିଳା ଭୋଟର ରହିଛନ୍ତି। ଏହା ବ୍ୟତୀତ ୪୯୫୬ ଦିବ୍ୟାଙ୍ଗ ଓ ୭୨୦୬ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ଭୋଟର ରହିଛନ୍ତି। ନିର୍ବାଚନ ମଣ୍ଡଳୀରେ ସର୍ଭିସ୍ ଭୋଟରଙ୍କ ସଂଖ୍ୟା ହେଉଛି ୪୫୬। ଗତ ଜାନୁଆରୀ-୨୦୨୨ରେ ପ୍ରକାଶ ହୋଇଥିବା ଚୂଡ଼ାନ୍ତ ଭୋଟର ତାଲିକା ଏବେ ମଧ ନବୀକରଣ ହେଉଛି । ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳରେ ଥିବା ଯୋଗ୍ୟ ନିର୍ବାଚକମାନେ ଯେଉଁମାନଙ୍କର ନାମ ଭୋଟର ତାଲିକାରେ ନାହିଁ ସେମାନେ ମଧ ନାମାଙ୍କନ ପତ୍ର ଦାଖଲର ▶▶ପୃଷ୍ଠା ୭

## ୧୩ରୁ ଯୁକ୍ତ ୩, ୧୭ରୁ ପିଜି ପ୍ରଥମ ବର୍ଷ ପାଠପଢା

ଭୁବନେଶ୍ୱର, ୦୭/୧୦(ନି.ପ୍ର): ଆସନ୍ତା ୧୩ ତାରିଖରୁ ଯୁକ୍ତ ୩ ପ୍ରଥମ ବର୍ଷ ପାଠପଢା ଆରମ୍ଭ ହେବ । ସେହିପରି ୧୭ ତାରିଖରୁ ପିଜି ପ୍ରଥମ ବର୍ଷ ପାଠପଢା ଆରମ୍ଭ ହେବ। ଏସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଶୁକ୍ରବାର ଦିନ ସମସ୍ତ ବିଶ୍ୱ ବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ଓ ସମସ୍ତ କଲେଜର ଅଧ୍ୟକ୍ଷମାନଙ୍କୁ ବିଭାଗ ପକ୍ଷରୁ ଚିଠି ଲେଖି ଅବଗତ କରାଯାଇଛି।

## ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି

ଭୁବନେଶ୍ୱର, ୦୭/୧୦(ନି.ପ୍ର): ଆସନ୍ତା ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରିବାକୁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର। ଏ ନେଇ ଟ୍ୱିଟ୍ କରି ସୂଚନା ଦେଇଛନ୍ତି କୃଷି ବିଭାଗ ସଚିବ ଅରବିନ୍ଦ ପାଢ଼ୀ । ସେ ଲେଖିଛନ୍ତି ଆସନ୍ତା ମାର୍ଗଶିର ପ୍ରଥମ ଗୁରୁବାର ଅର୍ଥାତ୍ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ ଦେଇଛନ୍ତି ।

## ଶାନ୍ତି ପାଇଁ ନୋବେଲ ପୁରସ୍କାର ଘୋଷଣା




ନୂଆଦିଲ୍ଲୀ, ୦୭/୧୦ : ଶୁକ୍ରବାର ଶାନ୍ତି ପାଇଁ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଜଣେ ବ୍ୟକ୍ତି ଓ ଦୁଇ ସଂଗଠନକୁ ମିଳିତ ଭାବେ ନୋବେଲ ଶାନ୍ତି ପୁରସ୍କାର ଘୋଷଣା କରାଯାଇଛି। ବେଲାରୁଷର ଆଲେସ୍ ବାଲିଆସ୍କି ଏବଂ ରୁଷର ମାନବାଧିକାର ସଂଗଠନ ମେମୋରିଆଲ ଏବଂ ୟୁକ୍ରେନର ମାନବାଧିକାର ସଙ୍ଗଠନ ସିଭିଲ ରାଇଟ୍ ଲିବର୍ଟିଜ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବେ। ସାଧାରଣ ନାଗରିକଙ୍କ ମାନବିକ ଅଧିକାର ସୁରକ୍ଷା ଲାଗି ଏମାନଙ୍କ ଲଢ଼େଇ ବେଶ ଅତୁଳନୀୟ ବୋଲି କୁହାଯାଇଛି। ବହୁ ବର୍ଷ ଧରି ବେଲାରୁଷର ଆଲେସ୍ ବାଲିଆସ୍କି ଏବଂ ଦୁଇ ସଙ୍ଗଠନ ସମାଜର ନିଷ୍ପେସିତ ବର୍ଗଙ୍କ ଅଧିକାର ପାଇଁ ସ୍ୱର ପାଲଟି ଆସିଛନ୍ତି। ମାନିବିକ ଅଧିକାରର ଅସଦବ୍ୟବହାର, ଯୁଦ୍ଧଗ୍ରସ୍ତ ଲୋକଙ୍କ ଦୁର୍ଦ୍ଦଶା ଏବଂ ସାଧାରଣ ଲୋକଙ୍କର ମୌଳି ଅଧିକାରକୁ କେମିତି ଦଳି ମକଚି ଦିଆଯାଉଛି ଏମାନେ ଶ୍ରେଷ୍ଠ ପ୍ରାମାଣିକ ଚଳିଚିତ୍ର ମାଧ୍ୟମରେ ଦର୍ଶାଇଛନ୍ତି। ଏମାନେ ମିଳିତ ଭାବେ ସମାଜର ନିର୍ଯାତିତ ବର୍ଗଙ୍କ ପାଇଁ କାମ କରିଛନ୍ତି । ୧୯୮୦ରେ ବେଲାରୁଷର ଗଣତନ୍ତ୍ର ଆନ୍ଦୋଳନରେ ବେଶ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଆଲେସ୍ ବାଲିଆସ୍କି। ସେ ସମୟରେ ଦେଶର ନାଗରିକଙ୍କ ଅଧିକାର ଓ ଶାନ୍ତି ପାଇଁ ନିଜ ଜୀବନକୁ ବାଲିଆସ୍କି ବାଜି ଲଗାଇଦେଇଥିଲେ। ସେହିପରି ରୁଷରେ ମାନବିକ ଅଧିକାରକୁ ସଙ୍କୁଚିତ କରିବା ପ୍ରତିବାଦରେ ରୁଷର ମାନବାଧିକାର ସଂଗଠନ କାମ କରିଆସୁଛନ୍ତି। ୟୁକ୍ରେନ୍‌ର ମଧ ସମାନ ଭାବେ ସେଠିକାର ସଙ୍ଗଠନ କାମ କାରି ଆସୁଛି।

## ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ




ବାଲେଶ୍ୱର, ୦୭/୧୦(ନି.ପ୍ର): ବାଲେଶ୍ୱର ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଅର ଏଣ୍ଡ ଯୋଗିକ ସାଇନସ ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଚିଡ଼ିଆପୋଲ ପରିସରରେ ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସଙ୍କ ସଭାପତିତ୍ୱରେ ୭ ଦିନିଆ ଶିବିର ଉଦଯାପିତ ହୋଇଯାଇଥିଲା। ଉଦଯାପନ ଉତ୍ସବରେ ଏଡିଏମ ନିଲୁ ମହାପାତ୍ର, ମୁଖ୍ୟ ଅତିଥି ଡକ୍ଟର ଦୁଲାଲସେନ ଜଗଦେବ ସିଡିଏମଓ, ଧ୍ୱନି ପ୍ରତିଧ୍ୱନିର ପ୍ରତିଷ୍ଠାତା ସୃଷ୍ଟିଧର ପରିଡ଼ା ଯୋଗଦେଇ କହିଥିଲେ ଯେ, ଯୋଗ ଓ ପ୍ରାକୃତିକ ଚିକିତ୍ସା ସହିତ ମାନସିକ ଶାନ୍ତି ପାଇଁ ସେବା ପବିତ୍ର କର୍ମ କରିବା ଦରକାର। ଯୋଗ କଲେ ମନର ଶାନ୍ତି ସହିତ ନିରୋଗ ଶରୀର ହୋଇପାରିବ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଏହି ଯୋଗ କଲେଜରୁ ଛାତ୍ରଛାତ୍ରୀମାନେ ଡିପ୍ଲୋମା ଯୋଗ ମାଷ୍ଟର ଡିଗ୍ରୀ ପାସ କରି ବିଭିନ୍ନ ସରକାରୀ ଚିକିତ୍ସାଳୟରେ ଯୋଗ ଚିକିତ୍ସକ ଚାକିରି ପାଇଛନ୍ତି। ଯୋଗ ଏକ ଚିକିତ୍ସା ବିଜ୍ଞାନ ଅଟେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ଡାକ୍ତର ଚିତ୍ତରଂଜନ ସାହୁ ସହରରେ ବିଭିନ୍ନ ଅଂଚଳରେ ଯୋଗଶିକ୍ଷା, ବୃଦ୍ଧ ବୃଦ୍ଧା ଆଶ୍ରମରେ ସେବା ବସ୍ତ୍ରଦାନ, ଦୁର୍ଗାପୂଜାରେ ସଫେଇ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଏନଏସଏସ ସ୍ୱେଚ୍ଛାସେବୀ କାର୍ଯ୍ୟ କରିଥିବା ପ୍ରକାଶ କରିଥିଲେ। ଯୋଗ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସଙ୍କ ନେଚରପାଥି, ଜଳଚିକିତ୍ସା, ଯୋଗ ଚିକିତ୍ସା, ମାନସିକ ଚିକିତ୍ସା କଲେ ଉଚ୍ଚ ରକ୍ତଚାପ, ଡାଇବେଟିସ, ମାନସିକ ଦୁଶ୍ଚିନ୍ତା ରୋଗରୁ ମୁକ୍ତି ପାଇବେଳ ବୋଲି କହିଥିଲେ । ଶେଷରେ ସମସ୍ତ ଏନଏସଏସ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ କେମ୍ପ ଫାୟାର ଗୀତ ସହିତ ଶିବିର ଶେଷ କରାଯାଇଥିଲା।

## କୁଆଁର ପୂର୍ଣ୍ଣିମାରେ ଭିଜିବ ଉପକୂଳ ଓଡିଶା

ଭୁବନେଶ୍ୱର, ୦୭/୧୦(ନି.ପ୍ର): ଦୁର୍ଗା ପୂଜାରେ ଭିଜିଲା, କୁଆଁର ପୂର୍ଣ୍ଣିମାରେ ବି ଭିଜିବ ଉପକୂଳ ଓଡିଶା। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ଅକ୍ଟୋବର ୯ତାରିଖ , କୁଆଁର-ପୂର୍ଣ୍ଣିମାରେ ରାଜ୍ୟର ଦକ୍ଷିଣ ଉପକୂଳରେ ବର୍ଷାର ପରିମାଣ ବଢ଼ିବ। ୯ ଏବଂ ୧୦ ଅକ୍ଟୋବର ରେ କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅନ୍ୟପକ୍ଷରେ ଗତିକାଲିର ଘୂର୍ଣ୍ଣିବଳୟ ଆଜି ସାମାନ୍ୟ ପଶ୍ଚିମ-ଉତରପଶ୍ଚିମ ଦିଗରେ ଗତିକରି ତେଲେଙ୍ଗାନା ଏବଂ ବିଦର୍ଭ ଅଂଚଳରେ ବାୟୁମଣ୍ଡଳର ୧.୫ ରୁ ୩.୧ କିମି ମଧ୍ୟରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ପାଣିପାଗ ବିଭାଗ ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୨୦ ଟି ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ପୁରୀ, ଖୋର୍ଦ୍ଧା, ନୟାଗଡ, ବୌଦ୍ଧ, କନ୍ଧମାଳ, ଗଂଜାମ, ଗଜପତି, ରାୟଗଡା, କୋରାପୁଟ ଓ ମାଲକାନଗିରି।

## ବିଜେଡି ନେତା ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣା : ପରିବାର, ପଡୋଶୀଙ୍କ ପଚରାଉଚରା କଲା ପୋଲିସ୍



ଭୁବନେଶ୍ୱର, ୦୭/୧୦(ନି.ପ୍ର): ଜିଲ୍ଲା ପରିଷଦ ଜୋନ୍ ସଭ୍ୟ ତଥା ବିଜେଡି ନେତା ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାରେ ପୁଣି ପୋଲିସ ପଚରାଉଚରା ଆରମ୍ଭ କରିଛି। ଶୁକ୍ରବାର ଦିନ ଧର୍ମେନ୍ଦ୍ରଙ୍କ ଶିଶୁପାଳଗଡ଼ ସ୍ଥିତ ଘରେ ଧଉଳି ଥାନା ଆଇଆଇସି ଏବଂ ଅତିରିକ୍ତ ଡିସିପିଙ୍କ ସହ ଏକ ଟିମ୍ ପହଂଚି ଧର୍ମେନ୍ଦ୍ରଙ୍କ ପତ୍ନୀ, ପରିବାର, କିଛି ସଂପର୍କୀୟ ଓ ପଡ଼ୋଶୀଙ୍କୁ ପଚରାଉଚରା କରିଛନ୍ତି। ସୂଚନାଯୋଗ୍ୟ, ମୃତ ଧର୍ମେନ୍ଦ୍ର ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ବନ୍ଧୁଙ୍କ ସହ ଫୋନ୍ ରେ କଥା ହୋଇଥିଲେ । କଥାବାର୍ତ୍ତାର ୧ ମିନିଟ ୨୭ ସେକେଣ୍ଡର ଏହି ଅଡିଓ କ୍ଲିପରେ ମୃତ ଧର୍ମେନ୍ଦ୍ର ସ୍ପଷ୍ଟ ଭାବେ କହିଛନ୍ତି ତାଙ୍କ ମୃତ୍ୟୁ ପାଇଁ ୫ ଜଣ ଦାୟୀ। ସେମାନେ ହେଉଛନ୍ତି ତାଙ୍କ ପତ୍ନୀ, ମନ୍ତ୍ରୀ ସମୀର ଦାଶ , ଶ୍ୱଶୁର ଦୁଃଶାସନ ସ୍ୱାଇଁ ପ୍ରମୁଖ। ଅଡିଓ କ୍ଲିପ୍ ଭାଇରାଲ୍ ହେବା ପରେ ପୋଲିସ୍ ତନାଘନା ଆରମ୍ଭ କରିଥିଲା। ଏବେ ଧର୍ମେନ୍ଦ୍ରଙ୍କ ଶୁଦ୍ଧିକ୍ରିୟା ଶେଷ ହେବା ପରେ ପୋଲିସ୍ ପୁଣି ପଚରାଉଚରା ଆରମ୍ଭ କରିଛି।

## ଉଦ୍‌ଘାଟିତ ହେଲା ଡ.ରମାକାନ୍ତ ବେହେରା ସାହିତ୍ୟ ଓ ସଂସ୍କୃତି ଫାଉଣ୍ଡେସନ୍ ଟ୍ରଷ୍ଟ



ବାଲେଶ୍ୱର, ୦୭/୧୦(ନି.ପ୍ର): ପବିତ୍ର ବିଜୟାଦଶମୀ ତିଥିରେ ଓଡ଼ିଶାର ଅନ୍ୟତମ ଯଶସ୍ୱୀ ବରିଷ୍ଠ ସାହିତ୍ୟିକ ଡ.ରମାକାନ୍ତ ବେହେରାଙ୍କ ନାମରେ ନୂତନ କରି ପ୍ରତିଷ୍ଠା କରାଯାଇଥିବା ଡ.ରମାକାନ୍ତ ବେହେରା ସାହିତ୍ୟ ଓ ସଂସ୍କୃତି ଫାଉଣ୍ଡେସନ୍ ଟ୍ରଷ୍ଟର ଶୁଭ ଉଦ୍‌ଘାଟନ ଉତ୍ସବ ତାଙ୍କ ବାଲେଶ୍ୱର ସହରସ୍ଥ ବାସଭବନ 'ସାଧନାଳୟ'ରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଂସ୍କୃତି,ପର୍ଯ୍ୟଟନ ଭାଷା ଓ ସାହିତ୍ୟ ତଥା ଅବକାରୀ ବିଭାଗର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ କରକମଳରେ ଏହାର ଶୁଭ ଉଦ୍‌ଘାଟନ ହୋଇଥିଲା । ଏହାକୁ ଉଦ୍‌ଘାଟନ କରି ଏହି ଟ୍ରଷ୍ଟ ନିରପେକ୍ଷ ଭାବେ ଡ.ବେହେରାଙ୍କ ଆଜୀବନ ସାହିତ୍ୟ ସାଧନାକୁ ରାଜ୍ୟର ସବୁ ପ୍ରାନ୍ତରେ ପହଞ୍ଚାଇବା ପାଇଁ ବିଶେଷ ଉଦ୍ୟମ କରିବା ସହ ଓଡ଼ିଆ ଭାଷା ଓ ସାହିତ୍ୟର ଲେଖକମାନଙ୍କୁ ପ୍ରୋତ୍ସାହନ ଯୋଗାଇବାରେ ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଡ.ବେହେରା ନିଜର ବାସଭବନକୁ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଅଙ୍ଗାରଗଡ଼ିଆକୁ ପ୍ରଦାନ କରି ଯେଉଁ ଆଦର୍ଶ ସୃଷ୍ଟି କରିଛନ୍ତି, ତାହା କ୍ୱଚିତ୍ ଦେଖିବାକୁ ମିଳେ । ଏତଦ୍‌ବ୍ୟତୀତ ସେ ଯେଉଁ ଟ୍ରଷ୍ଟ ଗଠନ କରି ଓଡ଼ିଆ ସାହିତ୍ୟର ସମୃଦ୍ଧି ପାଇଁ ଶୁଭ ସଂକଳ୍ପ ନେଇଛନ୍ତି, ତାହାକୁ ଭୂୟସୀ ପ୍ରଶଂସା କରି ଉତ୍ସବର ମୁଖ୍ୟଅତିଥି ବାଲେଶ୍ୱର ଲୋକସଭାର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଗୃହନିର୍ମାଣ ନିମନ୍ତେ ତାଙ୍କ ସାଂସଦର ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅର୍ଥରାଶି ଦେବାପାଇଁ ଘୋଷଣା କରିଥିଲେ । ଟ୍ରଷ୍ଟର ଉପଦେଷ୍ଟା ତଥା ବାଲେଶ୍ୱର ଜିଲ୍ଲା ଯୋଜନାବୋର୍ଡ଼ର ଅଧ୍ୟକ୍ଷ ଭୋଗରାଇର ବିଧାୟକ ପୂର୍ବତନ ମନ୍ତ୍ରୀ ଶ୍ରୀ ଅନନ୍ତ କୁମାର ଦାସ ଏଥିରେ ▶▶ପୃଷ୍ଠା ୭

## ପ୍ରଶାସନ ଘର ନଦେବାରୁ ଖୋଲି ପାରୁନି ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟ

କେନ୍ଦ୍ରାପଡ଼ା,୭/୧୦ (ନି.ପ୍ର): ଦୀର୍ଘ ୪ମାସ ହେଲା କେନ୍ଦ୍ରାପଡ଼ାରେ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟ ଖୋଲିବା ପାଇଁ ସରକାରୀ ସ୍ତରରେ ନିଷ୍ପତି ନିଆଯାଇ ସାରିଥିଲେ ମଧ ଜିଲ୍ଲା ପ୍ରଶାସନ ଘର ଯୋଗାଇ ଦେଇ ନଥିବାରୁ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟ ଖୋଲିପାରୁ ନାହିଁ। ଜଏଂଟ କମିଶନର କନସୋଲେସନ ଭାବେ ନିଯୁକ୍ତି ପାଇଥିବା ଅଧିକାରୀ କଟକ କାର୍ଯ୍ୟାଳୟରେ ରହି କାର୍ଯ୍ୟ କରୁଥିବାବେଳେ କେନ୍ଦ୍ରାପଡ଼ାରେ କାର୍ଯ୍ୟାଳୟ ଖୋଲିପାରୁ ନଥିବାରୁ ପୂର୍ବଭଳି ବିଭିନ୍ନ ଜମିଜମା ମାମଲାରେ ଛନ୍ଦି ହେଇଥିବା ଜନ ସାଧାରଣ କଟକ ଦୌଡି ଖର୍ଚ୍ଚାନ୍ତ ହେଉଥିବା ଦେଖିବାକୁ ମିଳୁଛି। ୧୯୯୩ ମସିହାରେ କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଥିଲେ ମଧ ଦୀର୍ଘ ୨୯ ବର୍ଷ ପରେ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟ ଖୋଲାଯିବା ନିଷ୍ପତି ଜିଲ୍ଲାର ଜନ ସାଧାରଣଙ୍କ ମନରେ ଆଶା ସଂଚାର କରିଥିବାବେଳେ ମାମଲା ପରିଚାଳନା ପାଇଁ ଆବଶ୍ୟକ ପଡୁଥିବା ବହୁ ପୁରୁଣା ରେକର୍ଡ଼ ପତ୍ର ଏବେ ମଧ କଟକରେ ରହିଛି। ସେହି ପୁରୁଣା ନଥିପତ୍ର, ନକ୍ସା, ଖତିୟାନ ପ୍ରଭୃତି ମଧରୁ ମାତ୍ର ୩ ଟ୍ରକ କେନ୍ଦ୍ରାପଡ଼ା ଆସିଥିଲେ ମଧ ଆହୁରି ପ୍ରାୟ ୮ ଟ୍ରକ ପୁରୁଣା ରେକର୍ଡ଼ ପତ୍ର କଟକରେ ରହିଛି। ଫଳରେ ଜମିବାଡ଼ି, ନକ୍ସା ସଂଶୋଧନ ଆଦି ପ୍ରାୟ ୧୫ ହଜାର ମାମଲା ପରିଚାଳନା କରିବାରେ ଆଇନଜୀବିମାନେ ଓ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଜନସାଧାରଣ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ୧୯୧୦ ମସିହା, ୧୯୩୦ ମସିହାର ବନ୍ଦୋବସ୍ତ ଓ ଚକବନ୍ଦୀ ରେକର୍ଡ଼ ତୁରନ୍ତ କେନ୍ଦ୍ରାପଡ଼ା ଆଣିବାକୁ ଜିଲ୍ଲା ପ୍ରଶାନ ଅଗ୍ରାଧିକାର ଭିତିରେ ପଦକ୍ଷେପ ନେବାକୁ ମୋହନ କୁମାର ସାହୁ, ବିଦୁଭୂଷଣ ମହାପାତ୍ର, ଲକ୍ଷ୍ମଣ କୁମାର ସାହୁ, ପ୍ରଦୀପ କୁମାର ଗୋଛାୟତ, ସଂଗ୍ରାମ ଜେନା, ଅରୁଣ କୁମାର ମହାପାତ୍ର, ତାରିଣୀ ପାଟଯୋଶୀ, ନିରାକାର ପ୍ରଧାନ ପ୍ରମୁଖ ଆଇନଜୀବିମାନେ ଦାବି କରିଛନ୍ତି।

# କନ୍ଧମାଳରେ କଫି ଚାଷ : ଧର୍ମକୁ ଆଖିଠାର !



ଫୁଲବାଣୀ,୭/୧୦ (ନି.ପ୍ର): ଓଡ଼ିଶାରେ କୋରାପୁଟ ପରେ କନ୍ଧମାଳରେ କଫି ଚାଷ ଯୋଜନା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। କଫି ମିସନ୍ ମାଧ୍ୟମରେ କନ୍ଧମାଳ ଜିଲ୍ଲାର ୬ଟି ବ୍ଲକ୍‌ରେ ମୋଟ୍ ୧,୦୯,୩୯୫ ହେକ୍ଟର ଜମିରେ କଫି ଚାଷ ହେବ ବୋଲି କଫି ବୋର୍ଡ଼ ନିଷ୍ପତ୍ତି ନେଇଛି। ପ୍ରାଥମିକ ପର୍ଯ୍ୟାୟରେ ୯ ହଜାର ହେକ୍ଟର ଜମିରେ କଫି ଚାଷ ହେଉଛି। ଏଥିନେଇ ଜିଲ୍ଲାରେ କଫି ଚାରାରୋପଣ କାମ ଆରମ୍ଭ ହୋଇଗଲାଣି। କିନ୍ତୁ ବିନା ସେଡ୍ ପ୍ଲାଣ୍ଟ (ଛାୟା ପ୍ରଦାନକାରୀ ଗଛ) ସହାୟତାରେ ଧର୍ମକୁ ଆଖିଠାର ମାରିଲା ଭଳି କଫି ଚାରାରୋପଣ କରା ଯାଉଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ସାଧାରଣତଃ କଫି ଚାରାରୋପଣ କରିବାର ବହୁପୂର୍ବରୁ ସିଲଭର ଓକ, ପାଇନ୍, ଆକାଶିଆ, ୟୁକାଲପଟାସ ଭଳି ସେଡ୍ ପ୍ଲାଣ୍ଟେସନ୍ କରାଯିବା କଥା। ମାତ୍ର, କନ୍ଧମାଳରେ ଏଭଳି ସେଡ୍ ପ୍ଲାଣ୍ଟ କରା ନଯାଇ ଖୋଲା ସ୍ଥାନରେ କଫି ଚାରାରୋପଣ କରାଯାଇଛି। ଜିଲ୍ଲାପାଳ ଦାରିଙ୍ଗବାଡ଼ିରେ କଫି ଚାରାରୋପଣ କରି କଫି ପ୍ଲାଣ୍ଟେସନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ସାରିଲେଣି। କଫି ବୋର୍ଡର ଗାଇଡ୍‌ଲାଇନ ଅନୁସାରେ, ଛାୟା ପ୍ରଦାନକାରୀ ଗଛ ଲଗାଇବାର ୩/୪ ବର୍ଷ ପରେ କଫି ଚାରାରୋପଣ କରାଯିବା କଥା। ଅଧାଛାଇ ଅଧାଖରାରେ କଫି ଭଲ ବଢ଼ିଥାଏ ଏବଂ ମଞ୍ଜି ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ମାତ୍ର, ସେଡ୍ ପ୍ଲାଣ୍ଟେସନ୍ ନ କରି ଖୋଲା ସ୍ଥାନରେ କଫି ଚାରାରୋପଣ କରୁଛନ୍ତି ବୋଲି କଫି ବିଶେଷଜ୍ଞ ସଂଗ୍ରାମ ଜେନା କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଜିଲ୍ଲା ସଦର ମହକୁମାରେ କଫି ବୋର୍ଡ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏଠାରେ ଏକ କଫି ବୋର୍ଡ କାର୍ଯ୍ୟାଳୟ ପ୍ରତିଷ୍ଠା ହେଲେ କନ୍ଧମାଳ ଜିଲ୍ଲାରେ କଫି ଚାଷ ସୁଗମ ହୋଇପାରିବ ବୋଲି ଶ୍ରୀ ଜେନା କହିଛନ୍ତି। କନ୍ଧମାଳ ଜିଲ୍ଲା ପ୍ରଶାସନ ଏସବୁ ଚିନ୍ତା ନକରି ବିନା ସେଡ୍ ପ୍ଲାଣ୍ଟରେ ତରବରିଆ ଭାବେ ହିତାଧିକାରୀଙ୍କ କ୍ଷେତରେ କଫି ଚାରାରୋପଣ କରୁଛନ୍ତି। ଏହାଫଳରେ ଅଳ୍ପ କିଛି ଦିନ ପରେ କଫି ଗଛସବୁ ମରିଯିବ ବୋଲି ଶ୍ରୀ ଜେନା ଅଭିଯୋଗ କରିଛନ୍ତି।

ଅନ୍ୟପଟେ ଏ ନେଇ ଜିଲ୍ଲା ମୃତ୍ତିକା ସଂରକ୍ଷଣ ଉପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କଫି ମିସନ ଜରିଆରେ ଜିଲ୍ଲାରେ ନୂତନ କରି କଫି ଚାଷ ଆରମ୍ଭ କରାଯାଉଛି ଏବଂ ସବୁ କିଛି ଠିକ୍‌ଠାକ୍ ଚାଲିଛି ବୋଲି କହିଛନ୍ତି। ଆମ୍ବ, ପଣସ ଗଛକୁ ସେଡ୍ ପ୍ଲାଣ୍ଟ ଭାବେ ବ୍ୟବହାର କରାଯାଉଛି ବୋଲି ଶ୍ରୀ ତ୍ରିପାଠୀ କହିଥିବାବେଳେ ଆମ୍ବ ଗଛରେ ବଉଳ ଧରିବା ସମୟରେ ଏକ ତରଳ ଅଠାଳିଆ ପଦାର୍ଥ ତଳକୁ ପଡ଼ିଥାଏ ଯାହା କି କଫି ପାଇଁ ସମ୍ପୂର୍ଣ୍ଣ ପ୍ରତିକୂଳ ବୋଲି କଫି ବିଶେଷଜ୍ଞ ଶ୍ରୀ ଜେନା କହିଛନ୍ତି।

## ବଲାଙ୍ଗିର ଦିନ୍ କମିଟି ନାମ ଘୋଷଣା: ଅଙ୍କୁଶ ଅଧକ୍ଷ ଓ ପ୍ରଶାନ୍ତ ସଂପାଦକ

ବଲାଙ୍ଗୀର,୭/୧୦ (ନି.ପ୍ର): ବଲାଙ୍ଗିର ଦିନ୍ ନଭେମ୍ବର ୧ରେ କମିଟି ମୁଖ୍ୟ ଉପଦେଷ୍ଟା ଡ. ଶ୍ରୀକର ମିଶ୍ର ନେତୃତ୍ୱରେ ଉପଦେଷ୍ଟା ମଣ୍ଡଳି ନେତୃତ୍ୱରେ କମିଟି ନାମ ଘୋଷିତ ହୋଇଛି। ଉପଦେଷ୍ଟା ରତନ ମହାରଣା, ପ୍ରଭାକର ମିଶ୍ର, ବିକ୍ରମ ବହିଦାର, ପ୍ରଭାସ ପାଣିଗ୍ରାହି, ଲୋଟସ ଷଡଙ୍ଗି, ଦିନେଶ ଶର୍ମା ବିଭିନ୍ନ ତାଲିକା ପ୍ରସ୍ତୁତ କରି ନାମ ଘୋଷଣା କରିଥିଲେ। ଗତ କାଲି ୫ ତାରିଖ ଦିନ ଉପଦେଷ୍ଟା ମଣ୍ଡଳିର ନିଷ୍ପତ୍ତି କ୍ରମେ ସୂଚନା ପ୍ରଦାନ କରାଯାଇଛି । ଚଳିତ ବର୍ଷ ବଲାଙ୍ଗିର ଦିନ୍ କୁ ନେଇ କେମିତି ପାଳନ ହେବ ପୂର୍ଣ୍ଣାଙ୍ଗ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଅଙ୍କୁଶ ପାଣ୍ଡିଆ ଅଧକ୍ଷ, ସହ-ଅଧକ୍ଷ ବିବେକାନନ୍ଦ ପଟେଲ, କାର୍ଯ୍ୟକାରୀ ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧକ୍ଷ ଶୁଭମ୍ କୁମାର ଅଗ୍ରୱାଲ, ସାଂସ୍କୃତିକ କମିଟି ସଭାପତି ମୁରଲିଧାରୀ ପତି, ସଂପାଦକ ବିନୋଦ କାଲସାଏ, ଅଭ୍ୟର୍ଥନା କମିଟି ବିଶ୍ୱାଜିତ ଦାଶ, ସଂପାଦକ ଶମ୍ଭୁ ପ୍ରସାଦ ଶତପଥି, ପ୍ରଚାର ପ୍ରସାର ସଭାପତି ଅରୁଣ କୁମାର ମିଶ୍ର, ସଂପାଦକ ସୁନିଲ କୁମାର ମହାନ୍ତି, ମଂଚ ପରିଚାଳନା ସଭାପତି ଅର୍ଜୁନ କୁମାର ସାହୁ, ସଂପାଦକ ଲଳିତ ସାହୁ, ମହିଳା କମିଟି ସଭାପତି ଲିକା ସାହୁ, ସଂପାଦକ ସୋନିଆ ବେଜ, ସୋସିଆଲ ମିଡିଆ ଥବିର କର ଓ ମିଡିଆ ପ୍ରଚାର ପ୍ରସାର ରଂଜିତ ମିଶ୍ର ଏବଂ ଶୋଭାଯାତ୍ରା ଶାନ୍ତିଶୃଙ୍ଖଳା କମିଟି ବଲାଙ୍ଗିର ର ବିଭିନ୍ନ କମିଟିକୁ ନେଇ ଶୋଭାଯାତ୍ରା ହେବ ବୋଲି କମିଟି ନିଷ୍ପତ୍ତି ନିଆଯାଇଥିବା ବେଳେ ପ୍ରତ୍ୟେକ କମିଟିରେ ୨୦ ରୁ ୨୫ ଜଣ ସଭ୍ୟ ରଖାଯାଇଛି । ଆଗାମୀ ଦିନରେ ଲଗୋ ଉନ୍ମୋଚିତ, ବିଭିନ୍ନ କମିଟି ସହିତ ଆଲୋଚନା, ବିଭିନ୍ନ ୱାର୍ଡକୁ ନେଇ ପରିକ୍ରମା କରାଯିବ ବୋଲି କମିଟି ନିଷ୍ପତ୍ତି ନେଇଛି ।

## ବିଜୟ ନାୟକ ହେଲେ କନ୍ଧମାଳ ଜିଲ୍ଲା ନୂତନ ପର୍ଯ୍ୟବେକ୍ଷକ

କନ୍ଧମାଳ ,୭/୧୦ (ନି.ପ୍ର): ରାଜ୍ୟରେ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟର ସମସ୍ତ ସାଙ୍ଗଠନିକ ଜିଲ୍ଲାରେ ନୂତନ ପର୍ଯ୍ୟବେକ୍ଷକ ନିଯୁକ୍ତି ଦିଆଯାଇଛି। ଏହି ପ୍ରରିପେକ୍ଷୀରେ କନ୍ଧମାଳ ଜିଲ୍ଲା ପାଇଁ ବିଜେଡି ନେତା ବିଜୟ ନାୟକଙ୍କୁ ଦଳ ନୂତନ ଭାବେ ନିଯୁକ୍ତି ଦେଇଛି। ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଆଜି ଏହି ନିଯୁକ୍ତି ଦେଇଛନ୍ତି। ବିଜୟ ଜଣେ ଦକ୍ଷ ସଂଗଠକ ଭାବେ ପରିଚିତ। ସେ ବିଜେଡ଼ିର ସାଧାରଣ ସମ୍ପାଦକ ଅଛନ୍ତି। ଏଥି ପୂର୍ବରୁ ସେ ଢେଙ୍କାନାଳ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିଲେ। ବିଜୟଙ୍କ ନିଯୁକ୍ତି ଦେବା ପରେ ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର କର୍ଣ୍ଣ, ନଗର ସଭାପତି ସୁଧୀର କହଁର, ନଗର ଯୁବ ବିଜେଡି ସଭାପତି ପାର୍ଥ ବିଶ୍ୱାଳ, ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ସଂଖ୍ୟାଲଘୁ ସମ୍ପ୍ରଦାୟ ନେତା ମହମଦ ୟାସୀନଙ୍କ ସମେତ ବହୁ ବିଜେଡି ନେତା ଓ ବିଧାୟକ ମାନେ ସ୍ୱାଗତ ଜଣାଇଛନ୍ତି। ବିଜୟଙ୍କ ନେତୃତ୍ୱରେ ଜିଲାରେ ସଂଗଠନ ଅଧିକ ସୁଦୃଢ ହେବା ସହ ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ ଦଳ ପୂର୍ବାପେକ୍ଷା ଭଲ କରିବ ଓ ଅଧିକ ଭୋଟ ବ୍ୟବଧାନରେ ବିଜୟ ଲାଭ କରିବ ବୋଲି ଏହି ନେତାମାନେ ଆଶା ପ୍ରକଟ କରିଛନ୍ତି।

## କବି କରୁଣାକରଙ୍କ ଅହ୍ୟରାଣୀ କବିତା ପୁସ୍ତକ ଲୋକାର୍ପିତ

ମାଲକାନଗିରି,୭/୧୦ (ନି.ପ୍ର): କବିଙ୍କ ବିରହ ବିଦଗ୍ଧର ଆତ୍ମଲିପି, କଅଁଳ ବୟସରେ ଜଣେ ମାଆ ଛେଉଣ୍ଡ ଛୁଆର ମାନସିକତା, ପିତାମାତା, ବନ୍ଧୁ ସହୋଦର, ସହକର୍ମୀ ଓ ଅତି ଆଦରଣୀୟ ପ୍ରିୟ ଛାତ୍ରଛାତ୍ରୀଙ୍କ ଭାବ ବିହ୍ୱଳକୁ ନେଇ ଲୁହ କୋହଭରା ବାସ୍ତବ କଥାବସ୍ତୁ କବିତା ମାଧ୍ୟମରେ ପ୍ରକାଶ କରିଛନ୍ତି କବି କରୁଣାକର। କବି କରୁଣାକର ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତା ମଧୁସ୍ମିତା ମଲ୍ଲିକ ଉଭୟ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ଗତ ୨୦୨୧ ଜୁଲାଇ ମାସ ୧୫ ତାରିଖରେ କୋଭିଡ୍ -୧୯ରେ ଆକ୍ରାନ୍ତ ହୋଇ ତାଙ୍କ ଧର୍ମପତ୍ନୀ ମଧୁସ୍ମିତାଙ୍କ ଅକାଳ ବିୟୋଗ ଘଟିଥିଲା। ପତ୍ନୀଙ୍କ ଅକାଳ ବିୟୋଗରେ ମ୍ରିୟମାଣ ହୋଇ ସ୍ୱତଃ ଝରି ପଡ଼ିଛି ତାଙ୍କ ଲେଖନୀ ମୁନରୁ ତାଙ୍କ ଭଲ ପାଇବାର ସଙ୍କେତ ଓ ନାରୀ ଜାତି ପ୍ରତି ଥିବା ସମ୍ମାନବୋଧ। ପବିତ୍ର ଦଶହରାରେ ମାଆଙ୍କ ମେଲାଣି ଦିବସରେ ଭୁବନେଶ୍ୱର ଜୟଦେବ ଭବନ ଠାରେ ନିଶିଗନ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଜଳସମ୍ପଦ ବିଭାଗ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବରେଣ୍ୟ ଅତିଥି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ବିଶିଷ୍ଟ ଅତିଥି ହରପ୍ରସାଦ ଦାଶ, ପାରିକୁଦ ରାଜା ଶ୍ରୀ ଶ୍ରୀ ସନ୍ତୋଷ ସିଂହ ଦେଓ, ସଭାପତି ହରିହର କାନୁନଗୋ, ଡଃ. ବାସୁଦେବ ଦାସ, ଡଃ. ନନ୍ଦ କିଶୋର ପରିଡା, ଚକ୍ରଧର ତ୍ରିପାଠୀ, ପଦ୍ମନାଭ ତ୍ରିପାଠୀ, ସରସ୍ୱତୀ ନାୟକ, ପ୍ରତିଷ୍ଠାତା ବଳରାମ ତରାଇ ଆଦି ଅତିଥିଙ୍କ କରକମଳରେ କରୁଣାକରଙ୍କ ଅହ୍ୟରାଣୀ କବିତା ପୁସ୍ତକ ଲୋକାର୍ପଣ କରାଯାଇଛି। ନିଶିଗନ୍ଧା ଭାଷା ପ୍ରତିଷ୍ଠାନ, ଖୋର୍ଦ୍ଧା ଭୁବନେଶ୍ୱର ତରଫରୁ ଶ୍ରୀ ମଲ୍ଲିକଙ୍କୁ ମାନପତ୍ର, ଫଳକ ଓ ଉପଢ଼ୌକନ ଦେଇ ଗୋପବନ୍ଧୁ ଆଦର୍ଶ ସମ୍ମାନ - ୨୦୨୨ ରେ ସମ୍ମାନିତ କରାଯାଇଛି। ଏଥିସହିତ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ହୋଇଥିବା ଓଡ଼ିଶାର ମହୀୟସୀ ନାରୀ : ଦ୍ରୌପଦୀ ମୁର୍ମୁ '' ଯାହାର ମୁଖ୍ୟ ସମ୍ପାଦକ ଶ୍ରୀ ମଲ୍ଲିକ ସେ ପୁସ୍ତକ ମଧ ଲୋକାର୍ପିତ ହୋଇଯାଇଛି।

## କୁମ୍ଭାରିପଦାର ପାହାଡ଼ ଭୁସ୍ଖଳନ ଘଟଣା: ୪୦୦ ଲୋକଙ୍କୁ ହାତୀମୁଣ୍ଡା ସ୍ଥାନାନ୍ତର କଲା ପ୍ରଶାସନ

କନ୍ଧମାଳ, ୭/୧୦ (ନି.ପ୍ର): କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ହାତୀମୁଣ୍ଡା ପଚାଂୟତର କୁମ୍ଭାରିପଦାର ଗ୍ରାମ ନିକଟରେ ଥିବା ପାହାଡ ଭୁସ୍ଖଳନ ଘଟଣାକୁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଗୁରୁତର ସହ ଗ୍ରହଣ କରି ପଦକ୍ଷେପ ନେଇଛନ୍ତି। ଏବେ ଲଘୁଚାପଜନିତ ଲଗାଣ ବର୍ଷା କାରଣରୁ ବୁଧବାର କୁମ୍ଭାରିପଦାର ଗ୍ରାମବାସୀଙ୍କୁ ନିଜ ଗ୍ରାମରୁ ହାତୀମୁଣ୍ଡା ଠାରେ ରହିଥିବା ସରକାରୀ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଉକ୍ତ ଗ୍ରାମର ପ୍ରାୟ ୪୦୦ ଲୋକଙ୍କୁ ବିଦ୍ୟାଳୟକୁ ନିଆଯାଇ ସୁରକ୍ଷିତ ବ୍ୟବସ୍ଥା କରାଯାଇଛି। ପ୍ରଥମେ ସେମାନଙ୍କୁ ରୋଷେଇ କରି ଖାଇବା ପାଇଁ ଚାଉଳ, ଡାଲି ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ହେଲେ ସେମାନେ ରୋଷେଇ କରି ଖାଇବା ସମ୍ଭବ ନ ଥିବାରୁ କିଛି ଲୋକ ପୁଣି ଥରେ ଘରକୁ ଫେରିଥିଲେ। ଫଳରେ ଗୁରୁବାର ସେମାନଙ୍କୁ ବିଦ୍ୟାଳୟ ପରିସରରେ ରନ୍ଧା ଖାଦ୍ୟ ଯୋଗାଇଦେବାକୁ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବାକୁ ନିଷ୍ପତି ନେଇଥିବା ବିଡ଼ିଓ ଗଦାଧର ପାତ୍ର କହିଛନ୍ତି।

ବୁଧବାର ବିଡିଓ ଏବଂ ଅତିରିକ୍ତ ତହସିଲଦାର ଭବେଶ ମାଝୀଙ୍କ ଉପସ୍ଥିତିରେ ଅନ୍ତରଙ୍ଗ ଯୁବ ସଂଘର ଦିଲୀପ କୁମାର ସାହୁ, ରୁଦ୍ରମାଧବ ବେହେରା, ମହେନ୍ଦ୍ର ଦାସ, ପ୍ରଭଞ୍ଜନ ପ୍ରଧାନ ଏବଂ ଜାଗୃତିର ଧନେଶ୍ୱର ସାହୁ, ସ୍ଥାନୀୟ ସରପଂଚ ନବନିତା କପାଟପାତ୍ର ପ୍ରମୁଖଙ୍କ ସହଯୋଗରେ ଏହି ସ୍ଥାନାନ୍ତରିତ କରାଯାଇଛି। ସେହି ସ୍ଥାନ ଏବେ ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ରହିଥିବାରୁ ଏବେ ସର୍ଭେ କରାଯାଇ ଗ୍ରାମବାସୀଙ୍କୁ ସେହି ଅଂଚଳରୁ ସମ୍ପୂର୍ଣ୍ଣ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବାକୁ ଜିଲା ପ୍ରଶାସନ ପ୍ରୟାସ କରୁଛି। ଏଥିପାଇଁ ନିଆଯାଉଥିବା ପଦକ୍ଷେପକୁ ଟିକେ ସମୟ ଲାଗିପାରେ ବୋଲି ବିଡ଼ିଓ ଗଦାଧର ପାତ୍ର କହିଛନ୍ତି ।

ସୂଚନାଯୋଗ୍ୟ, ସେପଟ୍ଟେମ୍ବରରେ ହୋଇଥିବା ଲଗାଣ ବର୍ଷାରେ କୁମ୍ଭରିପଦାର ଗ୍ରାମ ନିକଟରେ ଥିବା ପାହାଡ଼ ଲଗାତାର ଦୁଇଥର ଭୁସ୍ଖଳନ ହୋଇଥିଲା। ଏହାପୂର୍ବରୁ ୨୦୧୮ରେ ପ୍ରଥମ ଥର ପାଇଁ ଭୁସ୍ଖଳନ ହୋଇଥିଲା। ତେଣୁ ସେହି ସ୍ଥାନ ଲୋକଙ୍କ ପାଇଁ ଆଉ ସୁରକ୍ଷିତ ନଥିବା ପ୍ରଶାସନ ହୃଦୟଙ୍ଗମ କରିଛି। ଚଳିତ ବର୍ଷ ଭୁସ୍ଖଳନ ପରେ ବିଡ଼ିଓ ଶ୍ରୀ ପାତ୍ର ସେହି ସ୍ଥାନକୁ ବାରମ୍ବାର ଯିବା ସହ ଲୋକଙ୍କ ସୁରକ୍ଷା ପାଇଁ ଜିଲାପାଳଙ୍କ ସହ ଆଲୋଚନା କରି ଏବେ ପଦକ୍ଷେପ ନିଆଯାଇଥିବା ଜଣାପଡିଛି।

## ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଜୟପୁର,୭/୧୦ (ନି.ପ୍ର): ଜୟପୁର ସହରରେ ମାଗାଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଗ୍ରେସ ଚର୍ଚ୍ଚ ତରଫରୁ ଆୟୋଜିତ ଏହି ଶିବିରକୁ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ କାଉନସିଲର ପ୍ରଣବ କିଶୋର ନାୟକ ଉପସ୍ଥିତ ଥିଲେ । ବିଜୁ ରାଜନଗର ଠାରେ ଆୟୋଜିତ ଶିବିରରେ ସହରର ଗ୍ରେସ ଚର୍ଚ୍ଚ, ବିଜୁ ରାଜନଗର ଖ୍ରୀଷ୍ଟିଆନପେଟା ସହ ଆଖପାଖ ଅଂଚଳର ବହୁ ରୋଗି ଆସି ଚିକିତ୍ସିତ ହୋଇଥିଲେ । ୨୫୦ ଜଣ ରୋଗିଙ୍କୁ ଚିକିତ୍ସା କରାଯାଇଥିଲା । ଏଠାରେ ୨ ଜଣ ଡାକ୍ତର ଉପସ୍ଥିତ ରହି ଚିକିତ୍ସା କରିଥିଲେ ।

## ଶିକ୍ଷା ପ୍ରବୀଣ ପ୍ରଫେସର ରବିଶଙ୍କର ପାଣ୍ଡିଆ ଆଉନାହାନ୍ତି

ବଲାଙ୍ଗୀର,୭/୧୦ (ନି.ପ୍ର): ବଲାଙ୍ଗୀରର ବିଶିଷ୍ଟ ଶିକ୍ଷାବିତ୍, ଗାନ୍ଧୀବାଦୀ ବିଚାରକ, ଅର୍ଥନୀତି ବିଶାରଦ ତଥା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପିଜି କାଉନସିଲ ଚେୟାରମେନ ପ୍ରଫେସର ରବିଶଙ୍କର ପାଣ୍ଡିଆ (୬୨)ଙ୍କର ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଭୁବନେଶ୍ୱର ଠାରେ ପରଲୋକ ହୋଇଯାଇଛି । ପ୍ରାୟ ୫ ମାସ ତଳେ ସେ କ୍ୟାନସରରେ ପୀଡ଼ିତ ଥିବା ଜଣାପଡ଼ିଥିଲା । ସେହିଦିନଠାରୁ ସେ ଭୁବନେଶ୍ୱରରେ ରହି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ବିୟୋଗରେ ବୌଦ୍ଧିକ ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଜଣେ ପ୍ରଜ୍ଞାଦୀପ୍ତ ସୁଲେଖକ, ସୁବକ୍ତା ଓ ସୁଚିନ୍ତକ ଭାବେ ସେ ବିଭିନ୍ନ ଶୈକ୍ଷିକ, ବୌଦ୍ଧିକ ଓ ସାମାଜିକ ଅନୁଷ୍ଠାନ ସହ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସକ୍ରିୟ ରହିଥିଲେ। ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆ ଓ ସ୍ୱର୍ଗତା ଗିରିଜା ଦେବୀ ପାଣ୍ଡିଆଙ୍କ ସାନପୁଅ ସ୍ୱର୍ଗତ ପ୍ରଫେସର ପାଣ୍ଡିଆ ୨୫ ଡିସେମ୍ବର ୧୯୬୦ ମସିହାରେ ପାଟଣାଗଡ଼ ଠାରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନରୁ ମେଧାବୀ ଛାତ୍ର ଭାବେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରୁ ମାଟ୍ରିକ, ସମ୍ବଲପୁର ଗଙ୍ଗାଧର ମେହେର କଲେଜରୁ ସ୍ନାତକୋତ୍ତର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟ ବିଷୟରେ ଏମଫିଲ ଡିଗ୍ରୀ ହାସଲ କରିଥିଲେ । ଏହାପରେ ପାଟଣାଗଡ଼ ଜବାହରଲାଲ କଲେଜ ଓ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ଯୋଗଦେଇ ଅଧାପନା ଆରମ୍ଭ କରିଥିଲେ । ଓ ପିଏସସି ଯୋଗ୍ୟତା ହାସଲ କରି ସେ ଜୟପୁର ବିକ୍ରମ ଦେବ କଲେଜ, ଭବାନୀପାଟଣା କଲେଜ ଓ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ଅଧାପନା କରିଥିଲେ । ରାଜେନ୍ଦ୍ର କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ପିଜି କାଉନସିଲ ଚେୟାରମେନ ଭାବେ ଦାୟିତ୍ୱ ତୁଲାଇଥିଲେ। ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟରେ ଅପଗ୍ରେଡ କରିବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ୧୯୮୭ ମସିହାରେ ସାମ୍ବାଦିକ ଗୌରବ ସ୍ୱର୍ଗତ ଶିବପ୍ରସାଦ ପାଣ୍ଡିଆଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ବିଚାରଶୀଳ ସାପ୍ତାହିକ ରୁଦ୍ରଆହ୍ୱାନ ସହ ଜଡିତ ରହି ପଶ୍ଚିମ ଓଡ଼ିଶା, ବିଶେଷକରି ୮୦ ଓ ୯୦ ଦଶକର ଅବିଭକ୍ତ ବଲାଙ୍ଗୀର ଓ କଳାହାଣ୍ଡି ଜିଲାର ଅନାହାର, ପିଲାବିକ୍ରି, ଦାଦନ ସମସ୍ୟା, ଦାରିଦ୍ର୍ୟ, ଶୋଷଣ ଓ କଷଣ ଉପରେ କଲମ ଚାଳନା କରି ଆଞ୍ଚଳିକ ବୈଷମ୍ୟ ଓ ଚରମ ଉପେକ୍ଷା ପ୍ରସଙ୍ଗ ଉଜାଗର କରିଥିଲେ । ଦେଶରେ ଉଦାରବାଦୀ ଅର୍ଥନୀତି ଗ୍ରହଣ ପରେ ବିଶେଷ କରି ଅନଗ୍ରସର ଅଞ୍ଚଳରେ ରାଜନୈତିକ, ପ୍ରଶାସନିକ, ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିଭଙ୍ଗୀ କିଭଳି ପ୍ରଭାବିତ ହୋଇଥିଲା ତା'' ଉପରେ ବହୁ ଗବେଷଣାତ୍ମକ ନିବନ୍ଧ, ସମ୍ପାଦକୀୟ ଓ ବକ୍ତବ୍ୟ ରଖିଥିଲେ । ଯୁବପିଢି ବିଶେଷକରି ଛାତ୍ରଛାତ୍ରୀଙ୍କ ଭିତରେ ଗାନ୍ଧିବାଦୀ ବିଚାର ଓ ସାମାଜିକ ରଚନାତ୍ମକ କାର୍ଯ୍ୟ ସଂରଚନା ଉପରେ ସେ ଗୁରୁତ୍ୱ ଦେଇଆସିଥିଲେ । ମାଗଣାରେ ଛାତ୍ରଛାତ୍ରୀଙ୍କୁ ସେ ନିଜ ଘରେ ଶିକ୍ଷାଦାନ କରି ସେମାନଙ୍କ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ କରୁଥିଲେ । ଜଣେ ବୁଦ୍ଧିଜୀବୀ ଓ ଶିକ୍ଷାବିତ ଭାବେ ବହୁ ପ୍ରାଦେଶିକ ଓ ଜାତୀୟ ଆଲୋଚନାଚକ୍ର, ସମ୍ମାନ ଓ କର୍ମଶାଳାରେ ଯୋଗଦାନ କରିଥିଲେ । ତାଙ୍କ ଅକାଳ ବିୟୋଗ ବଲାଙ୍ଗୀର ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ମହଲରେ ଗଭୀର ଶୋକର ବାତାବରଣ ସୃଷ୍ଟି କରିଛି । ଏକମାତ୍ର ପୁତ୍ର ବିପ୍ଳବ କେଶରୀ ମୁଖାଗ୍ନି ଦେଇଥିଲେ । ତାଙ୍କ ସ୍ତ୍ରୀ ତପତି ପାଣ୍ଡିଆ, ବଡ଼ଭାଇ ସୁଶୀଳ କୁମାର, ଭାଉଜ, ପୁତୁରା ସଂଗ୍ରାମ, ଭାଇ ପ୍ରଭାତ, ପ୍ରମୋଦ, ମୋହନ, ନିହାର, ସମୀର ନାୟକ, ସମସ୍ତ ଭଉଣୀ ଓ ଜ୍ୱାଇଁ ଅଜିତ ଯୋଷୀ, ସତ୍ୟ ପାଣିଗ୍ରାହୀ, ସମ୍ପର୍କୀୟ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## ଜମି ମାଫିଆଙ୍କ ଉତ୍ପାତ ବଢୁଛି : ସଂରକ୍ଷିତ ଜଙ୍ଗଲରୁ କାଟିଦେଲେ ହଜାର ହଜାର ଗଛ



ତାଳଚେର ,୭/୧୦ (ନି.ପ୍ର): ଅନୁଗୁଳ ଟାଉନ୍‌ରୁ ମାତ୍ର ୧୦ କିଲୋମିଟର ଦୂର ଅନୁଗୁଳ ସଦର ଥାନା ଅନ୍ତର୍ଗତ ନତଡ଼ା ଗାଁ ସଂରକ୍ଷିତ ଜଙ୍ଗଲରୁ ଆଜି ଭୋରରେ ହଜାର ହଜାର ଗଛ କାଟି ଦିଆଯାଇଛି। ଜମି ମାଫିଆ ଜାଗା ପ୍ଲଟିଂ କରିବା ଉଦ୍ଦେଶ୍ୟରେ ଏଭଳି ଭାବେ ଜଙ୍ଗଲ ପଦା କରିଥିବା ଜଣାପଡ଼ିଛି। ନତଡ଼ା ଗ୍ରାମବାସୀ ଏ ସଂପର୍କରେ ବନ ବିଭାଗକୁ ଜଣାଇଥିଲେ ବି ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଗୁରୁବାର ଭୋରରେ ପ୍ରାୟ ୩୫ ଜଣ କାଠୁରିଆ ଗାଁ ସଂରକ୍ଷିତ ଜଙ୍ଗଲରେ ପଶି ଗଛ କାଟିଥିଲେ। ସେମାନେ ୭ ଏକର ଜଙ୍ଗଲରୁ ଗଛ କାଟିଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସଂପର୍କରେ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ଅଭିଯୋଗ ପାଇବାର ପ୍ରାୟ ୬ ଘଣ୍ଟା ପରେ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛ କିଏ କାହିଁକି କାଟିଲା ବୋଲି ଗ୍ରାମବାସୀଙ୍କୁ ଓଲଟା ପଚାରିଥିଲେ।

ଏ ସଂପର୍କରେ ବନପାଳ ଗତିକୃଷ୍ଣ ବେହେରାଙ୍କୁ ପଚାରିବାରୁ ଗତକାଲି ସେ ଏହି ଅଞ୍ଚଳକୁ ଆସିଥିଲେ। ଜଙ୍ଗଲ ଠିକ୍ ଠାକ୍ ଥିଲା ବୋଲି ସେ କହିଛନ୍ତି। ଜମି ପ୍ଲଟିଂବାଲା ଗତକାଲି ରାତିରେ ଏହି ଜଙ୍ଗଲରୁ ପ୍ରାୟ ୯ ଏକର ଜାଗାରୁ ଗଛ କାଟି ଦେଇଛନ୍ତି ବୋଲି ବନପାଳ ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ଅନୁଗୁଳ ଡିଏଫ୍‌ଓଙ୍କୁ ପଚାରିବାରୁ ଖବର ପାଇବା ପରେ ବନ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଦୁଇମାସ ପୂର୍ବରୁ ଉକ୍ତ ଜଙ୍ଗଲରୁ ପ୍ରାୟ ୪୦ ଏକର ଜମିରୁ ଗଛ କଟାଯାଇଥିଲା। ବନ ବିଭାଗ ସେତେବେଳେ ଏହି ଗଛ ଜବତ କରି ନଥିଲା। ତେବେ, ପ୍ରଦୂଷିତ ସହର ଭାବେ ଅପବାଦ ମୁଣ୍ଡାଇଥିବା ଅନୁଗୁଳ ଜିଲ୍ଲା ଲାଗି ଜଙ୍ଗଲ ସଂରକ୍ଷଣ ଏବଂ ବୃକ୍ଷରୋପଣ ଅପରିହାର୍ଯ୍ୟ ହୋଇଥିବା ବେଳେ ଏପରି ବେଆଇନ୍ ଗଛକଟାକୁ ନେଇ ପରିବେଶବିତ୍‌ମାନେ ମଧ ପ୍ରଶ୍ନ ଉଠାଇଛନ୍ତି।

## ସ୍ୱର୍ଗତ ମୁରଲି ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶୋକ ସଭା

ଜୟପୁର,୭/୧୦ (ନି.ପ୍ର): ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ ସ୍ୱର୍ଗତ ମୁରଲି ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶୋକ ସଭା ଅନୁଷ୍ଠିତ ହୋଇଛି । ଦଶହରା ସମୟରେ ଜୟପୁର ରଜାନହର ଛକରେ ମେଲୋଡି କାଯ୍ୟକ୍ରମ ଚାଲୁଥିବା ବେଳେ ସେ ଜାଜାବର ଗୀତ ଗାଇଥିଲେ । ଗୀତ ଗାଇବାର କିଛି ସମୟ ପରେ ସେ ଷ୍ଟେଜରୁ ତଳେ ପଡିଯାଇଥିଲେ । ତାଙ୍କୁ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ହୃଦଘାତରେ ମୃତ ହୋଇଥିବା ସୂଚନା ଦେଇଥିଲେ ।

ସ୍ୱର୍ଗତ ମୁରଲି ପେଶାରେ ଜଣେ ବରିଷ୍ଠ କିରାଣି ଥିବା ବେଳେ ଗୀତ ଗାଇବା ତାଙ୍କର ନିଶା ଥିଲା । ବିଗତ ଦିନରେ ସେ ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ କିରାଣି ଭାବେ କାଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁରେ ସମସ୍ତ ମହଲରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ ଏକ ଶୋକ ସଭା ଆୟୋଜନ କରାଯାଇ ୨ମିନିଟ୍ ନିରବ ପ୍ରାର୍ଥନା କରିବା ସହ ସ୍ୱର୍ଗତ ମୁରଲିଙ୍କ ଆତ୍ମାର ସଦଗତି କାମନା କରାଯାଇଥିଲା। ଶୋକ ସନ୍ତପ୍ତ ପରିବାରକୁ ଭଗବାନ ଶକ୍ତି ଦେବାକୁ ପ୍ରାର୍ଥନା କରାଯାଇଥିଲା । ଏହି ଶୋକ ସଭାରେ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନଙ୍କ ସହ ସମସ୍ତ କର୍ମଚାରି ଉପସ୍ଥିତ ଥିଲେ ।

# ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ 'ଚାଙ୍ଗଲାଙ୍ଗ୍'



ଯଦି ଆପଣ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଐତିହାସିକ ଜାଗା ଭ୍ରମଣ କରିବାକୁ ଚାହୁଁଛନ୍ତି, ତା ହେଲେ ଅରୁଣାଚଳପ୍ରଦେଶସ୍ଥିତ 'ଚାଙ୍ଗଲାଙ୍ଗ' ପ୍ରକୃଷ୍ଟ ସ୍ଥାନ । ପ୍ରକୃତି କୋଳରେ ବସିଥିବା ଏହି ଗାଁ ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଏଠାକୁ ଥରେ ବୁଲି ଆସିଲେ, ପାହାଡ, ଘଞ୍ଚ ଜଙ୍ଗଲ ମଧରେ ମାଇଲି ମାଇଲି ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥବା ପର୍ବତ ଶୃଙ୍ଖଳାକୁ ଦେଖି ଆପଣ ସବୁ ଚିନ୍ତା ଭୁଲିଯିବେ ।

କ'ଣ ଦେଖିବେ: ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରାଣ ହରାଇଥିବା ସୈନିକମାନଙ୍କର ଏଠାରେ କବରସ୍ଥାନ ରହିଛି । ଯାହାକି 'ଜୟରାମପୁର କବରସ୍ଥାନ' ନାମରେ ପରିଚିତ । ଏଠାରେ ପହଞ୍ଚି ଆପଣ ଉକ୍ତ ଯୁଦ୍ଧର ବିଭୀଷିକାକୁ ମଧ ହୃଦୟଙ୍ଗମ କରିପାରିବେ ।



ଚାଙ୍ଗଲାଙ୍ଗରେ ଏକ ନ୍ୟାସନାଲ ପାର୍କ ରହିଛି । ଯେଉଁଠାରେ ଆପଣ ବାଘଠୁ ଆରମ୍ଭ କରି ହିମାଳୟ ଭାଲୁ. ବିଭିନ୍ନ ପ୍ରଜାତିର ଜୀବଜନ୍ତୁ, ଭଳିକି ଭଳି ବୃକ୍ଷରାଜି ମଧ ଦେଖି ପାରିବେ । ଏଠାରେ ଥିବା ନୋଆ-ଦେହିଙ୍ଗ ନଦୀ କୂଳରେ ତିବତଙ୍କ ବସତି ରହିଛି । ତେଣୁ ଆପଣ ଏଠାକୁ ବୁଲି ଆସିଥିଲେ, ସେମାନଙ୍କଠାରୁ ଶୀତ ବସ୍ତ୍ର ନେବାକୁ ଭୁଲନ୍ତୁ ନାହିଁ ।

ଚାଙ୍ଗଲାଙ୍ଗରେ ଥିବା ଏକ ହ୍ରଦର ନାଁ ' ଲେକ୍ ଅଫ୍ ନୋ ରିଟର୍ନ' । ଏଠାକୁ ଆସୁଥିବା ପର୍ଯ୍ୟଟକ ଏହି ହ୍ରଦ ବୁଲି ଯିବାକୁ ଭୁଲନ୍ତି ନାହିଁ । ଏହାର ନାମକରଣ ପଛରେ ରହିଛି ଏକ ବିଶେଷତ୍ୱ । କୁହାଯାଏ , ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏଠାରେ ଏକ ପ୍ଲେନ ଅବତରଣ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା । ଫଳରେ ସେଥିରେ ଥିବା ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ତେଣୁ ଏହି ହ୍ରଦର ଏପରି ନାମକରଣ ହୋଇଛି । ଏହାର ଅର୍ଥ ଏହା ଏପରି ଏକ ହ୍ରଦ ଯେଉଁଠିକି ଥରେ ଆସିଲେ କେହି ଫେରନ୍ତି ନାହିଁ ।

### କିପରି ଯିବେ:

ଚାଙ୍ଗଲାଙ୍ଗରେ ପହଞ୍ଚିବାକୁ ଆପଣ ଆକାଶମାର୍ଗ, ରେଳପଥ କିମ୍ବା ସଡକ ପଥ ବାଛି ପାରିବେ । ଆପଣ ଦିଲ୍ଲୀରୁ ଏଠାକୁ ଯିବାକୁ ଚାହୁଁଥିଲେ ରେଳପଥରେ ୫୦ ଘଣ୍ଟା ଯାତ୍ରା କରିବାକୁ ପଡିବ । ଏହାର ନିକଟତମ ଏୟାରପୋର୍ଟ ହେଉଛି ଆସାମର ମୋହନବାଡି । ଏହା ଚାଙ୍ଗଲାଙ୍ଗଠାରୁ ୧୮୨ କି.ମି. ଦୂରରେ ସ୍ଥିତ । ଏଠାରୁ ଆପଣ ବସ୍ ଯୋଗେ ନଚେତ ଟ୍ୟାକ୍ସି ରିଜର୍ଭ କରି ଯାଇ ପାରିବେ । ଯଦି ଆପଣ ଟ୍ରେନରେ ଯିବାକୁ ଚାହିଁଛନ୍ତି ତା ହେଲେ ନିକଟତମ ରେଳଷ୍ଟେଶନ ହେଉଛି ଆସାମର ତିନସୁକିୟା । ଏହା ସହରଠାରୁ ପ୍ରାୟ ୧୪୧ କି.ମି ଦୂରରେ ସ୍ଥିତ । ଆପଣ ବସ୍‌ରେ ବି ଗନ୍ତବ୍ୟ ସ୍ଥଳକୁ ଯାଇ ପାରିବେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆପଣ ବର୍ଷର ଯେକୌଣସି ସମୟରେ ଏଠାକୁ ଯାଇ ପ୍ରକୃତି କୋଳିରେ ନିଜକୁ ହଜାଇ ପାରିବେ ।



# କେଉଁଠି ରହିବା ଉଚିତ ଘରର ପାଣି ଟାଙ୍କି

ଘର କରିବା ବେଳେ ପ୍ରାୟତଃ ସମସ୍ତେ ପାଣି ଟାଙ୍କି ଛାତ ଉପରେ ବନାଇଥା'ନ୍ତି । ହେଲେ ଅନେକ ଏହାକୁ ନିର୍ମାଣ କରିବା ବେଳେ ବାସ୍ତୁକୁ ଧ୍ୟାନ ଦେଇ ନଥା'ନ୍ତି । ତା'ହେଲେ ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ପାଣି ଟାଙ୍କି ରହିବା ଉଚିତ ଓ କେଉଁଠି ରହିବା ଉଚିତ ନୁହେଁ ।



- ♦ ଘରର ପାଣି ଟାଙ୍କି ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଦିଗରେ ନିର୍ମାଣ କରନ୍ତୁ । ଏହାଦ୍ୱାରା ଘରର ସୁଖ ସମୃଦ୍ଧି ବଢ଼ିଥାଏ ।
- ♦ ସେହିପରି ଘରର ପାଣି ଟାଙ୍କି ପଶ୍ଚିମ ଦିଗରେ ମଧ ନିର୍ମାଣ କରିପାରିବେ । ଏହାଦ୍ୱାରା ଶୁଭଫଳ ମିଳିଥାଏ । କାରଣ ପଶ୍ଚିମ ଦିଗ ବରୁଣ ଦେବତା ରହିଥା'ନ୍ତି । ବରୁଣ ଦେବତା ଜଳର ଦେବତା ଅଟନ୍ତି ।
- ♦ ଘରର ଦକ୍ଷିଣ-ପୂର୍ବ ଦିଗରେ ପାଣି ଟାଙ୍କି ଦିଗରେ କରିବା ଉଚିତ ନୁହେଁ । ଏହାଦ୍ୱାରା ଧନହାନୀ ହୋଇଥାଏ । ଏହା ସହ ଦୁର୍ଘଟଣା ଘଟିଥାଏ ।
- ♦ ଉତ୍ତର-ପଶ୍ଚିମ ଦିଗରେ ପାଣି ଟାଙ୍କି ନିର୍ମାଣ କରିବା ଉଚିତ ନୁହେଁ । ଯଦି ଏହି ଦିଗରେ ପାଣି ଟାଙ୍କି ନିର୍ମାଣ କରୁଛନ୍ତି, ତା'ହେଲେ ଟାଙ୍କିର ଆକାର ଛୋଟ କରନ୍ତୁ । ପାଣି ଟାଙ୍କିରେ ପ୍ଲାଷ୍ଟିକ ଢାଙ୍କୁଣୀ ଲଗାନ୍ତୁ ନାହିଁ ।

# ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି, କମିବ ମୋଟାପଣ...

*ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ । ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ । ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ ନିୟନ୍ତ୍ରଣରେ ରହିପାରେ । ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ କାର୍ବୋହାଇଡ୍ରେଟ୍ ରହିଛି । ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ ରହିଛି । ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ । ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା...*



**କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:** ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି । ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ । ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

**ମୋଟାପଣ କମ କରିଥାଏ:** ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ । ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ । ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ ।

**ଗ୍ୟାସ ସମସ୍ୟାରୁ ମୁକ୍ତି :** ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ । ଯଦି ଆପଣ ମଧ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ । ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ ।

**ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:** ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ । ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ ।

**ରକ୍ତ ସଞ୍ଚାଳନ ଉତ୍ତମ ରଖେ:** ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ । ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।

# ସାତଟି କାରଣ ପାଇଁ ହୋଇଥାଏ ଡାର୍କ ସର୍କଲ୍ ?

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ । ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି । ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ । ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ ।



- ➩ ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ । ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ ।
- ➩ ପୋଷଣ ଅଭାବରୁ ମଧ ଡାର୍କ ସର୍କଲ ହୋଇଥାଏ । ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ । ଡିହାଇଡ୍ରେସନ କାରଣରୁ ମଧ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ ।
- ➩ ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ । ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ ।
- ➩ ଆଲର୍ଜି ବା ଔଷଧ ଯୋଗୁଁ ମଧ ଡାର୍କ ସର୍କଲ ହୋଇଥାଏ । ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି । ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ ।
- ➩ ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ ।
- ➩ ନିଦ ନହେବା ଯୋଗୁଁ ଆଖିତଳେ ଡାର୍କ ସର୍କଲ ଦେଖାଦେଇଥାଏ । ତେଣୁ ଆବଶ୍ୟକ ପରିମାଣରେ ଶୋଇବା ପାଇଁ ଚେଷ୍ଟା କରନ୍ତୁ ।
- ➩ ମେକଅପ୍‌ରେ ଅଧିକ ମାତ୍ରାରେ ହାଇଲାଇଟର୍ ବ୍ୟବହାର କରିବା ଯୋଗୁଁ ମଧ କଳାଦାଗ ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ଆବଶ୍ୟକସ୍ଥଳେ ହାଲ୍‌କା ମେକଅପ୍ ଓ କେମିକାଲ୍ କମ୍ ବ୍ୟବହାର କରନ୍ତୁ ।

# କେଶରେ ଚିନିର ପ୍ରୟୋଗ



ଘନ କେଶ ପ୍ରତି ପ୍ରତ୍ୟେକ ଯୁବତୀ ତଥା ମହିଳାଙ୍କ ଅହେତୁକ ଦୁର୍ବଳତା ରହିଛି । ସୁନ୍ଦର କେଶ ନିମନ୍ତେ ବିଭିନ୍ନ ପ୍ରକାର ଘରୋଇ ଉପଚାର କରିବା ଉଚିତ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ । ବଜାରରେ ଉପଲବ୍ଧ ଅର୍ଗାନିକ୍ ଶାମ୍ପୁ ନଚେତ ଘରୋଇ ଉପାୟରେ ତିଆରି ଶ୍ୟାମ୍ପୁର ପ୍ରୟୋଗ କେଶରେ କରିବା ଉଚିତ । ତେବେ ଆମ ରୋଷେଇଘରେ ବ୍ୟବହୃତ ହେଉଥିବା ଚିନିକୁ ମଧ କେଶ ଚର୍ଚ୍ଚାରେ ପ୍ରୟୋଗ କରିହେବ । ମେହେନ୍ଦୀ ପ୍ୟାକରେ ଅଧ ଚାମଚ ଚିନି ଗୁଣ୍ଡର ପ୍ରୟୋଗ କରି ତାହାକୁ କେଶରେ ଲଗାଇବେ । କେଶର ଘନତ୍ୱ ବଢ଼ିଥାଏ । କେଶରେ ଶ୍ୟାମ୍ପୁ କଲାବେଳେ ଶ୍ୟାମ୍ପୁ କେଶରେ ଲଗାଇବା ପୂର୍ବରୁ ଗୁଣ୍ଡ ଚିନି ଚିମୁଟାଏ ଶ୍ୟାମ୍ପୁରେ ମିଶାଇ କେଶ ସଫା କରନ୍ତୁ । ନିଜେ ହିଁ ଫରକ ଜାଣିପାରିବେ । ତେବେ ହର୍ବାଲ ଶ୍ୟାମ୍ପୁ ଏଥିପାଇଁ ବ୍ୟବହାର କରିବା ଉଚିତ ।

# ବିଲେଇ ରାସ୍ତା କାଟିଲେ ଶୁଭ !

ଅନେକ ସମୟରେ ଏମିତି ଦେଖିବାକୁ ମିଳେ ଯେ, ରାସ୍ତାରେ ଯିବା ସମୟରେ ଅନେକ ଥର ବିଲେଇ ରାସ୍ତା କାଟିଥାଏ । ବିଲେଇ ରାସ୍ତା କାଟିବା ଅନେକ ଲୋକ ଅଶୁଭ ମାନି ସେହି ରାସ୍ତାରେ ନ ଯାଇ ଫେରି ଆସନ୍ତି କିମ୍ବା ବାଟ ବଦଳାଇ ଦିଅନ୍ତି । ଏମିତି ବି ଦେଖିବାକୁ ମିଳେ ବିଲେଇ ରାସ୍ତା କାଟିବା ଦ୍ୱାରା ଲୋକମାନେ କିଛି ସମୟ ପାଇଁ ରହିଯାଆନ୍ତି । କୁହାଯାଏ ବିଲେଇ ରାସ୍ତା କାଟିବା ଦ୍ୱାରା ଯେଉଁ କାମ କରିବାକୁ ଯାଉଥିବେ ସେ କାମ ପୂରା ହୋଇ ନ ଥାଏ ବା ଅଶୁଭ ହୋଇଥାଏ । କିନ୍ତୁ ସେମିତି ନୁହେଁ । ସବୁବେଳେ ଏହା ଅଶୁଭ ହୋଇ ନ ଥାଏ । ତେବେ ବିଲେଇ ରାସ୍ତା କଟିବା କେଉଁ ପରିସ୍ଥିତିରେ ଅଶୁଭ ମନା ଯାଏ ଆସନ୍ତୁ ଜାଣିବା । ଶାସ୍ତ୍ରରେ ବିଲେଇକୁ ନକରାତ୍ମକ ଉର୍ଜାର ପ୍ରତୀକ ବୋଲି କୁହାଯାଇଛି । ଏଣୁ ଯୁଆଡେ ବିଲେଇ ଯାଏ ସେଠାକାର ନକରାତ୍ମକ ଉର୍ଜା ନ ଷ୍ଟ ହୋଇଯାଇଥାଏ । ବିଲେଇ ସହ ବାସ୍ତୁର ମଧ ସମ୍ବନ୍ଧ ଅଛି । ଏହାଛଡ଼ା ଧଳା ବିଲେଇଠୁ କଳା ବିଲେଇକୁ ଅଧିକ ଅଶୁଭ ମନାଯାଏ । କୁହାଯାଏ କଳା ବିଲେଇ ରାସ୍ତା କାଟିଲେ ସତେବେଳେ ଅଶୁଭ ହୋଇଥାଏ, ଯେତେବେଳେ ବାଁ ପଟରୁ ରାସ୍ତା କାଟି ସେ ଡାହାଣକୁ ଯାଉଥାଏ । ଅନ୍ୟ ପରିସ୍ଥିତିରେ ବିଲେଇର ରାସ୍ତା କାଟିବା ଶୁଭ ବୋଲି କୁହାଯାଇପାରେ । ଯେତେବେଳେ ବିଲେଇ ରସ୍ତା କାଟି ଅନ୍ୟ ପଟକୁ ଚାଲିଆସିଥାଏ ସେତେବେଳେ ସେମାନେ ତାଙ୍କ ପଛରେ ନକରାତ୍ମକ ଉର୍ଜା ଛାଡ଼ି ଦେଇଯାଆନ୍ତି । ଯେତେବେଳେ ଘରେ ବିଲେଇର କାନ୍ଦିବାର ଶବ୍ଦ ଶୁଭେ କିମ୍ବା ସେମାନଙ୍କର ଝଗଡ଼ା କରିବାର ଶବ୍ଦ ଶୁଭେ ଏହାକୁ ଅଶୁଭ ବୋଲି ମନାଯାଏ । ମାନ୍ୟତା ଅନୁଯାୟୀ ଏମିତି ହେଲେ ଘରର ସଦସ୍ୟମାନଙ୍କ ଅଶୁଭ ହୋଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅତି ଦୁଃଖଦ...

ଥାଇଲାଣ୍ଡର ଉତ୍ତର-ପୂର୍ବାଂଚଳର ନୋଙ୍ଗ ବୁଆ ଟାଉନରେ ଏକ ଶିଶୁଯତ୍ନ କେନ୍ଦ୍ରରେ ଜଣେ ନିଶାସକ୍ତ ବ୍ୟକ୍ତିର ଆଖିବୁଜା ଗୁଳିଚାଳନା ଯୋଗୁ ୨୨ଜଣ ଶିଶୁଙ୍କ ସମେତ ୩୪ ଜଣଙ୍କ ପ୍ରାଣହାନୀ ଘଟିବା ଖବର ବିଶ୍ୱବ୍ୟାପୀ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଏହି ଘଟଣାରେ ଆହୁରି ଅନେକ ଶିଶୁ ଓ ଲୋକ ଆହତ ହୋଇଥିବା ଖବର ସେ ଦେଶ ପୁଲିସ ପକ୍ଷରୁ ପୁଷ୍ଟ କରାଯାଇଛି। ଗୁରୁବାର ଦିନ ମଧ୍ୟାହ୍ନରେ ଏହି ଘଟଣା ଘଟିଛି। ଏହି ଘଟଣା ପରେ ସେଠାରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହେବା ସହ ସମଗ୍ର ଅଂଚଳକୁ ପୁଲିସ ଏବଂ ଉଦ୍ଧାରକାରୀ ଦଳ ଘେରାଉ କରି ମୃତାହତମାନଙ୍କୁ ଡାକ୍ତରଖାନା ନେଇଥିଲେ। ଏହି ଘଟଣା ଘଟାଇବା ପରେ ଆତତାୟୀ ନିଜର ପତ୍ନୀ ଓ ସନ୍ତାନକୁ ଗୁଳିମାରିବା ସହ ନିଜେ ଆତ୍ମହତ୍ୟା କରିଛି। ଆତତାୟୀର ନାମ ପାନ୍ୟା(୩୪) ବୋଲି ପୁଲିସ ଚିହ୍ନଟ କରିଛି। ପୂର୍ବରୁ ସେ ଥାଇଲାଣ୍ଡ ସେନାରେ କାର୍ଯ୍ୟ କରୁଥିଲା କିନ୍ତୁ ଚଳିତବର୍ଷ ତା'ଠାରୁ ମାଦକଦ୍ରବ୍ୟ ବଟିକା ଜବତ କରାଯିବାପରେ ତାକୁ ଚାକିରିରୁ ବହିଷ୍କାର କରାଯାଇଥିଲା ଏବଂ ପୁଲିସ ତା' ବିରୁଦ୍ଧରେ ମକଦ୍ଦମା ଚଳାଇଥିଲା। ଏଥିପାଇଁ ପାନ୍ୟାକୁ ବାରମ୍ବାର କୋର୍ଟରେ ହାଜର ହେବାକୁ ପଡୁଥିଲା ଓ ଗୁରୁବାର ଦିନ ସେ କୋର୍ଟରେ ହାଜର ହେବା ପରେ ସେଠାରୁ ଫେରିଆସି ଏଭଳି କାଣ୍ଡ ଘଟାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ। ପାନ୍ୟା ନୋଙ୍ଗ ବୁଆ ଅଂଚଳରେ ଜଣେ ନିଶାଖୋର ବ୍ୟକ୍ତିଭାବେ ପରିଚିତ ଥିବା ସ୍ଥାନୀୟ ଲୋକମାନେ କହନ୍ତି। ତେବେ କେଉଁ କାରଣରୁ ସେ ଏଭଳି ଚରମ ପଦକ୍ଷେପ ଗ୍ରହଣ କରିଛି ତାହା ଜାଣିବା ସକାଶେ ସେ ଦେଶ ପୁଲିସ ଏବେ ତଦନ୍ତ ଆରମ୍ଭ କରିଛି। ଆମେରିକା ଭଳି ଥାଇଲାଣ୍ଡରେ ବନ୍ଧୁକ ସଂସ୍କୃତିର ମାତ୍ରା ଢ଼େର୍ ଅଧିକ। ଆମେରିକାରେ ଗନ୍ ଲାଇସେନ୍ସ ନେଇ ଲୋକମାନେ ନିଜର ସୁରକ୍ଷା ନିମନ୍ତେ ବନ୍ଧୁକ ରଖୁଥିବାବେଳେ ଥାଇଲାଣ୍ଡରେ ବେଆଇନ୍ ଭାବେ ଅଧିକାଂଶ ଲୋକ ବନ୍ଧୁକ ରଖୁଥିବା ସମୟାନ୍ତରରେ ଗଣମାଧ୍ୟମରେ ପ୍ରକାଶ ପାଇଥାଏ। ବିଶେଷ କରି ପ୍ରତିବେଶୀ ଦେଶରୁ ଦୁର୍ବଳ ସୀମା ବାଟଦେଇ ଥାଇଲାଣ୍ଡକୁ ବିପୁଳ ପରିମାଣର ବନ୍ଧୁକ ଏବଂ ମାଦକ ଦ୍ରବ୍ୟ ଚୋରାରେ ଚାଲାଣ ହେଉଥିବା କଥା ବିଶ୍ୱବିଦିତ। ଗତ ୨୦୨୦ ମସିହାରେ ସେ ଦେଶରେ ଜଣେ ସୈନିକ ନିଜ ସର୍ଭିସ୍ ବନ୍ଧୁକରୁ ଗୋଟିଏ ମଲ୍‌ରେ ଆଖିବୁଜା ଗୁଳିଚାଳନା କରି ପ୍ରାୟ ୨୯ଜଣଙ୍କୁ ହତ୍ୟା କରିବା ସହ ଅନ୍ୟା ପ୍ରାୟ ୫୭ଜଣଙ୍କୁ ଗୁରୁତର ଭାବେ ଆହତ କରିଥିଲା। ସେହି ଖବର କେବଳ ଥାଇଲାଣ୍ଡରେ ନୁହେଁ, ସମଗ୍ର ବିଶ୍ୱରେ ଚହଳ ପକାଇଥିଲା। ଆମେରିକାର ବନ୍ଧୁକ ନୁହେଁ, ସମଗ୍ର ବିଶ୍ୱରେ ଚହଳ ପକାଇଥିଲା। ଆମେରିକାରେ ବନ୍ଧୁକ ସଂସ୍କୃତିର କୁପ୍ରଭାବ ସ୍ୱରୂପ ସମୟାନ୍ତରରେ ଏଭଳି କାଣ୍ଡମାନ ଘଟିବାର ଅନେକ ନଜିର ରହିଛି। ସେଥିପାଇଁ ଏବେ ରାଷ୍ଟ୍ରପତି ଜୋ ବାଇଡେନ୍ ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। କିନ୍ତୁ ଆମେରିକା ଅବା ୟୁରୋପୀୟ ରାଷ୍ଟ୍ରମାନଙ୍କରେ ଯେଉଁ ବିପୁଳ ପରିମାଣର ଛୋଟ ଛୋଟ ଅସ୍ତ୍ରଶସ୍ତ୍ର ଉତ୍ପାଦନ ହୋଇଥାଏ ତାହାର ସବୁଠାରୁ ବଡ଼ କ୍ରେତା ହେଲେ ଆଫ୍ରିକା, ଏସିଆ ଏବଂ ଲାଟିନ୍ ଆମେରିକା ରାଷ୍ଟ୍ରସମୂହ। ଏଥିପାଇଁ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର ଚୋରା ବ୍ୟବସାୟ ହୋଇଥାଏ। ବନ୍ଧୁକ ସଂସ୍କୃତି ଯେ ସମାଜକୁ ଅଧିକ ଆପଦାପୂର୍ଣ୍ଣ କରୁଛି ଏବଂ ସେଥିରେ ହଜାର ହଜାର ନିରୀହ ଲୋକଙ୍କର ପ୍ରାଣହାନି ଘଟୁଛି ସେଥିପ୍ରତି କାହାର ନିଘା ନାହିଁ। ଥାଇଲାଣ୍ଡରେ ବନ୍ଧୁକ ସଂସ୍କୃତି ସହିତ ଚୋରା ମାଦକ ଦ୍ରବ୍ୟର ବିପୁଳ କାରବାର ଏବଂ ଗ୍ୟାଙ୍ଗ ୱାର୍ ଏକ ନିତିଦିନିଆ ଘଟଣା। କିନ୍ତୁ ସେ ଦେଶ ସରକାର ଏହାକୁ ନିୟନ୍ତ୍ରଣ କରିବା ଦିଗରେ କୌଣସି ପ୍ରକାର ପଦକ୍ଷେପ ନେବାପରି ମନେ ହୁଏନାହିଁ। ପର୍ଯ୍ୟଟନ ଉପରେ ଅଧିକ ମାତ୍ରାରେ ନିର୍ଭରଶୀଳ ଥାଇଲାଣ୍ଡରେ ଏଭଳି କାଣ୍ଡ ଘଟିବା ଆଦୌ ଶୁଭଙ୍କର ନୁହେଁ। ଏହା ସେ ଦେଶକୁ ଯିବା ପାଇଁ ବିଦେଶୀ ପର୍ଯ୍ୟଟକଙ୍କ ମନରେ ଭୟ ସୃଷ୍ଟି କରିବା ସୁନିଶ୍ଚିତ। ଗୁରୁବାର ଦିନର ଘଟଣା ଏବେ ସେ ଦେଶ ସରକାରଙ୍କ ପାଇଁ ଏକ ଚରମ ଚେତାବନୀ ପ୍ରଦାନ କରିଛି। ପୂର୍ବତନ ପୁଲିସ କର୍ମଚାରୀ ଭାବେ ଆତତାୟୀ ଅଧିକ ଦାୟିତ୍ୱସମ୍ପନ୍ନ ନାଗରିକ ହେବା ଉଚିତ ଥିଲା। ପୁନଶ୍ଚ ନିଶା ସେବନ ଅଭିଯୋଗରେ ଚାକିରି ହରାଇଥିବା ଜଣେ ମାନସିକ ସନ୍ତୁଳନ ହରାଇଥିବା ବନ୍ଧୁକଧାରୀ ବ୍ୟକ୍ତିକୁ କିଭଳି ଖୋଲାମେଲା ଛାଡ଼ି ଦିଆଯାଇଥିଲା, ତାହା ସେ ଦେଶର ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏଭଳି ଘଟଣାର ପୁନରାବୃତ୍ତି ନହେବା ଦିଗରେ ଥାଇଲାଣ୍ଡ ସରକାର ପ୍ରୟାସୀ ହେବା ବାଞ୍ଛନୀୟ।



## ଜାତିବାଦୀ ରାଜନୀତି

**ଅଧ୍ୟାପକ ଗୋପବନ୍ଧୁ**

ଜାତିବ୍ୟବସ୍ଥା ଭାରତୀୟ ସମାଜର ନିଚ୍ଛକ ସତ୍ୟତା। ଆମ ସାମାଜିକ ବ୍ୟବସ୍ଥାର ଏହା ଏକ କଳଙ୍କିତ ଅଧ୍ୟାୟ। ଏହାକୁ ହଟାଇବାପାଇଁ ଜାତି ଜାତି ମଧ୍ୟରେ ଥିବା ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ଶିକ୍ଷାଗତ ବୈଷମ୍ୟ ଦୂରହେବା ଅତ୍ୟନ୍ତ ଜରୁରୀ ବୋଲି ସମାଜ ବିଜ୍ଞାନୀଙ୍କ ମତ। ତେଣୁ ଆମ ସମ୍ବିଧାନ ସମତାଭିତ୍ତିକ ସମାଜ ଗଠନ ଉପରେ ଗୁରୁତ୍ୱ ଦିଏ ଓ ଏଥିପାଇଁ ଅନେକଗୁଡିଏ ସାମ୍ବିଧାନିକ ବ୍ୟବସ୍ଥା ରହିଛି।ରାଜନୀତି କ୍ଷେତ୍ରରେ ସମସ୍ତ ବର୍ଗର ପ୍ରତିନିଧିତ୍ୱ ଉପରେ ମଧ୍ୟ ଗୁରୁତ୍ୱ ରହିଛି। ଉଦ୍ଦେଶ୍ୟ ହେଉଛି ଶାସନ ବ୍ୟବସ୍ଥାରେ ସମସ୍ତଙ୍କୁ ଭାଗୀଦାରୀ କରାଇବା। ଗୋଟିଏ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କର ସମସ୍ତ କ୍ଷେତ୍ରରେ ଊଣାଅଧିକେ ସମାନ ଭାଗୀଦାରୀ ରହିବା ଜରୁରୀ। ବିଭିନ୍ନ ଆଳରେ ବିଭିନ୍ନ ଜନ ସମୁଦାୟକୁ ଏହି ସୁଯୋଗରୁ ବଞ୍ଚିତ କରିବା ଆଦୌ ସମିଚୀନ ନୁହେଁ। ସେଇଥିପାଇଁ ସରକାରୀ ହେଉ କିମ୍ବା ବେସରକାରୀ ହେଉ ସାଙ୍ଗଠନିକ ଢାଞ୍ଚାରେ ମହିଳା, ଅନୁସୂଚିତ ବର୍ଗ, ସଂଖ୍ୟାଲଘୁ ପ୍ରଭୃତିଙ୍କ ପ୍ରତିନିଧିତ୍ୱ ଆବଶ୍ୟକ ସ୍ଥଳେ ବାଧ୍ୟତାମୂଳକ କରାଯାଇଛି। ରାଜନୈତିକ ଦଳମାନେ ଏହାକୁ ଆହୁରି କଠୋରତାର ସହିତ ପାଳନ କରିବା ବିଧେୟ। କାରଣ ଏମାନଙ୍କ ସ୍ଥିତି ସିଧାସଳଖ ଜନସମର୍ଥନ ଉପରେ ନିର୍ଭର କରେ। ସମସ୍ତଙ୍କ ସମର୍ଥନ ଏମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ।

ଦେଖାଯାଇଛି ସ୍ୱାଧୀନତା ପରଠାରୁ ଏବେଯାଏଁ ରାଜନୈତିକ କ୍ଷମତାର ଲଗାମ୍ ତଥାକଥିତ ଉଚ୍ଚଜାତିର ଲୋକମାନଙ୍କ ହାତରେ ରହିଆସିଛି। ସ୍ୱାଧୀନତା ପରେ ଏହା ହୁଏତ ଗ୍ରହଣୀୟ ଥିଲା। କାରଣ ସେ ସମୟରେ ଶିକ୍ଷା ଓ ସଚେତନତା ଏହି ତଥାକଥିତ ଉଚ୍ଚଜାତିଙ୍କ ନିକଟରେ ଅଧିକ ଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଥିତିର ପରିବର୍ତ୍ତନ ଘଟିଛି। ସମସ୍ତଙ୍କ ମଧ୍ୟରେ ରାଜନୈତିକ ସଚେତନତା ବୃଦ୍ଧିପାଇଛି। ହେଲେ ଜାତିକୁ ନେଇ ମାନସିକତାରେ ପରିବର୍ତ୍ତନ ଘଟିନାହିଁ। ଏହାର କାରଣ ଭ୍ରାନ୍ତଧାରଣା ରହିଛି ଯେ ସମାଜର ତଥାକଥିତ ନୀଚଜାତିମାନେ ଅଯୋଗ୍ୟ ଓ ସେମାନଙ୍କ ନିକଟରେ ନେତୃତ୍ୱ ନେବାର କ୍ଷମତା ନାହିଁ। ଏବେ ବହୁ ଦକ୍ଷ ସଂଗଠକ ସମାଜର ତଥାକଥିତ ତଳ ସୋପାନରୁ ବାହାରିଲେଣି। ତାଙ୍କୁ ସୁଯୋଗ ମିଳିଲେ ନିଜର ପାରଦର୍ଶିତା ଦେଖାଇ ପାରିବେ। ଜାତି କାରଣରୁ ତାଙ୍କୁ ନେତୃତ୍ୱ ମିଳିନାହିଁ। ବେଳେବେଳେ ଏମାନେ ନିଜେନିଜେ ସଂଗଠିତ ହୋଇ ରାଜନୈତିକଭାବେ ସଫଳ ହୋଇଛନ୍ତି ଓ ନିଜର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି।

ଅତୀତରେ ଓ ବର୍ତ୍ତମାନ ଯେତେଗୁଡ଼ିଏ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳ ଆସିଛି, ଅଳ୍ପ କେତୋଟିକୁ ଛାଡି, ପ୍ରାୟ ସମସ୍ତ ଦଳ ତଥାକଥିତ ଉଚ୍ଚଜାତିମାନଙ୍କ ଦ୍ୱାରା ପରିଚାଳିତ ହୋଇଆସିଛି। ବର୍ତ୍ତମାନର ଜାତୀୟ କଂଗ୍ରେସ, ବିଜେପି, ବାମପନ୍ଥୀ ଦଳଗୁଡିକ, ବିଜେଡି, ଟିଏମ୍‌ସି, ଟିଆରସ୍ ପ୍ରଭୃତି ଦଳ ଏହି ବର୍ଗର। ଏମାନେ କେବେବି ଚାହିଁ ନାହାଁନ୍ତି କିମ୍ବା ଚାହିଁବେ ନାହିଁ ଯେଉଁ ଜାତିଗୁଡିକ ଅନଗ୍ରସର ସେମାନଙ୍କୁ ବି ସର୍ବୋଚ୍ଚ ସାଙ୍ଗଠନିକ ପଦପଦବୀ ମିଳୁ। ଅବଶ୍ୟ ତଳିଆ ପଦପଦବୀ ଦେଇ ଏମାନଙ୍କୁ ଭୋଟ ଗୋଟାଇବା ପାଇଁ ଚାରାରୂପେ ବ୍ୟବହାର କରାଯାଏ। ଗଣତନ୍ତ୍ରରେ ଏପ୍ରକାର ମାନସୀକତା ଆଦୌ ସମିଚୀନ ନୁହେଁ। ମାନବିକତା ଦୃଷ୍ଟିକୋଣରୁ ମଧ୍ୟ ଏହା ଗ୍ରହଣୀୟ ନୁହେଁ। ରାଜନୀତି ସମେତ ସମସ୍ତ କ୍ଷେତ୍ରରେ ଏପରି ଉଚ୍ଚ ଜାତିବାଦୀ ଭାବନା ହେଉଛି ଅସଲ ଜାତିବାଦ। ସମାଜର ତଳ ସ୍ତରରେ ଥିବା ତଥାକଥିତ ନୀଚଜାତିମାନଙ୍କୁ କଦାପି ଜାତିବାଦୀ ବୋଲି କୁହାଯାଇ ପାରିବ ନାହିଁ। ସେମାନେ ଅନେକ ସମୟରେ ନିଜର ସଂଖ୍ୟାନୁପାତିକ ଅଧିକାର ପାଇଁ ଲଢନ୍ତି। ଅଧିକାର ପାଇଁ ଲଢିବା ଜାତିବାଦ ନୁହେଁ। ବରଂ ସମାନ ଅଧିକାରରୁ ବଞ୍ଚିତ କରିବା ହେଉଛି ଜାତିବାଦ। ରାଜନୀତିରେ ରାଜନୈତିକ ଦଳ ମଧ୍ୟରେ ଜାତିବାଦ ପ୍ରବଳ ରହିଛି। ସାଧାରଣତଃ ଦେଖାଯାଏ ଉଚ୍ଚ ପଦବୀରେ ଥିବା ତଥାକଥିତ ଉଚ୍ଚ ଜାତିବାଦୀମାନେ ନିର୍ବାଚନ ଲଢିବାପାଇଁ ଟିକଟ ବଣ୍ଟନ ସମୟରେ ନିଜ ଜାତିର ଲୋକଙ୍କୁ ଅଗ୍ରାଧିକାର ଦିଅନ୍ତି। କେତେକ ରାଜନୈତିକ ଦଳ କେବଳ ଗୋଟିଏ ଜାତିର ନେତୃତ୍ୱ ତିଆରି କରିବାକୁ ଚାହାଁନ୍ତି। ଆମେ ଯଦି ଗତ ସାଧାରଣ ନିର୍ବାଚନରେ ଓଡିଶାର ପ୍ରାର୍ଥୀ ସୂଚୀକୁ ଦେଖିବା ତେବେ ସହଜରେ ଜାଣିପାରିବା ବିଜେପି ସଂରକ୍ଷଣ ଆସନ ବାଦେ ସାଧାରଣ ଆସନ ଗୁଡିକରେ କେଉଁ ତଥାକଥିତ ଉଚ୍ଚଜାତିକୁ ଅଧିକ ପ୍ରାଧାନ୍ୟ ଦେଇଥିଲା। ସେହିପରି କଂଗ୍ରେସ ଓ ବିଜେଡି ପ୍ରାର୍ଥୀ ତାଲିକାକୁ ମଧ୍ୟ ଦେଖିବା ଜରୁରୀ।

ଏବାବଦରେ ମୟୂରଭଞ୍ଜ ଜିଲ୍ଲାକୁ ଏକ ଦୃଷ୍ଟାନ୍ତଭାବେ ନିଆଯାଇପାରେ। ଏ ଜିଲ୍ଲାର ଏକମାତ୍ର ଅସଂରକ୍ଷିତ ବିଧାନସଭା ଆସନ ମୋରଡା। ଏଠାରେ ଆଦିବାସୀ, ଦଳିତ ଓ ଓବିସିଙ୍କ ସଂଖ୍ୟା ପ୍ରାୟ ୯୯-୯% । କିନ୍ତୁ ଏମାନଙ୍କ ଭିତରୁ କେହି ଜାତୀୟ କିମ୍ବା ଆଂଚଳିକ ବଡଦଳରୁ ଟିକେଟ୍ ପାଆନ୍ତି ନାହିଁ। ବିଜେପି, ବିଜେଡି ଓ କଂଗ୍ରେସ ଏମାନଙ୍କୁ ହେୟଜ୍ଞାନ କରନ୍ତି। ନିର୍ବାଚନ ଲଢିବାପାଇଁ ଯେଉଁମାନେ ଟିକେଟ ପାଆନ୍ତି ସେମାନେ ସେହି ତଥାକଥିତ ଉଚ୍ଚଜାତିର। ମୟୂରଭଞ୍ଜର ୯ ଟି ବିଧାନସଭା ଆସନରୁ ଗୋଟିଏ ଏସ୍ ସି ଓ ୭ ଟି ଏସ୍ ଟି ପାଇଁ ସଂରକ୍ଷିତ। ତେଣୁ ଏମାନେ ଏ ଆସନରେ ଦାବୀଦାର ହୁଅନ୍ତି ନାହିଁ। କିନ୍ତୁ ଓବିସି ମାନେ ଯେଉଁମାନଙ୍କ ସଂଖ୍ୟା ଅର୍ଦ୍ଧାଧିକ ସେମାନେ ଟିକେଟ ପାଇଁ ଦାବୀ କରନ୍ତି ଓ ଲବି ମଧ୍ୟ କରନ୍ତି। ଏମାନେ ଦାବୀକଲେ ତାକୁ ଜାତିବାଦୀ ବୋଲି ପ୍ରଚାର କରାଯାଏ। କିନ୍ତୁ ତଥାକଥିତ ଉଚ୍ଚ ଜାତିମାନେ ଯେତେବେଳେ ସମସ୍ତ ଦଳରୁ ଟିକେଟ ନେଇଯାଆନ୍ତି ତାକୁ ଜାତିବାଦ କୁହାଯାଏ ନାହିଁ। କୁହାଯାଏ ସେମାନେ ଯୋଗ୍ୟତା ଆଧାରରେ ପାଆନ୍ତି। ଶିକ୍ଷା ଦୃଷ୍ଟିରୁ, ରାଜନୈତିକ ଅଭିଜ୍ଞତା ଦୃଷ୍ଟିରୁ, ସାଙ୍ଗଠନିକ ଦକ୍ଷତା ଦୃଷ୍ଟିରୁ, ଆଦର୍ଶ ବ୍ୟକ୍ତିତ୍ୱ ଦୃଷ୍ଟିରୁ ବହୁ ଉନ୍ନତ ଓବିସି ପ୍ରାର୍ଥୀ ଟିକେଟ୍ ପାଇଁ ଦାବୀଦାର ଥାଆନ୍ତି, ତଥାପି ଏମାନଙ୍କୁ ଟିକେଟ ମିଳେନାହିଁ। ଟିକେଟ ନମିଳିବାର ଏକମାତ୍ର କାରଣ ହେଉଛି ଏମାନଙ୍କ ଅନଗ୍ରସର ଜାତି ପରିଚୟ। ଆଶ୍ଚର୍ଯ୍ୟର କଥା ନୂତନଭାବେ ଫୋକସ୍‌କୁ ଆସିଥିବା ଆମ୍ ଆଦମୀ ପାର୍ଟିରେ ମଧ୍ୟ ମୋରଡ଼ା ଆସନରେ ତଥାକଥିତ ଉଚ୍ଚଜାତିର ଜଣକୁ ପ୍ରାର୍ଥୀ କରିବାର ମୂଳଚାଳ ସରିଯାଇଛି ବୋଲି ଶୁଣିବାକୁ ମିଳୁଛି। କାରଣ ରାଜ୍ୟରୁ ବିଧାନସଭା ପର୍ଯ୍ୟନ୍ତ ସାଙ୍ଗଠନିକ ପଦାଧିକାରୀମାନେ ଏହି ବର୍ଗର। ଏହିପରି ସମାନ ଅବସ୍ଥା ପ୍ରାୟ ସମସ୍ତ ଅଞ୍ଚଳରେ ରହିଛି। ଏଦିଗରେ ଅନଗ୍ରସର ବର୍ଗ ନେତୃତ୍ୱାଧୀନ ରାଜନୈତିକ ଦଳଗୁଡିକ ମଧ ପଛରେ ନାହାଁନ୍ତି। ଏମାନେ ମଧ ନେତୃତ୍ୱ ସୀମାକୁ ନିଜ ମଧରେ ରଖିବାକୁ ଚାହାଁନ୍ତି। ଏମାନଙ୍କ ଯୁକ୍ତି ଯେ ତଥାକଥିତ ଉଚ୍ଚଜାତିକୁ ମୁଖ୍ୟ ନେତୃତ୍ୱ ଦେଲେ ସେମାନେ ଦଳକୁ ତାଙ୍କ ହାତକୁ ନେଇଯିବେ ଓ ଏମାନଙ୍କୁ ବାହାର କରିଦେବେ। ରାଜନୈତିକ ଦଳଗୁଡିକରେ ଜାତିକୁ ନେଇ ପାତରଅନ୍ତର ଆଦୌ ସମିଚୀନ ନୁହେଁ। ଗଣତନ୍ତ୍ରର ଦିଶା ନିର୍ଦ୍ଦେଶ କରୁଥିବା ରାଜନୈତିକ ଦଳଗୁଡିକ ଜାତି କବଳିତ ହେଲେ ଦେଶ ଆଗେଇବ କିପରି ? ତେଣୁ ରାଜନୈତିକ ଦଳଗୁଡିକ ଜାତି ମାନସୀକତାରୁ ଉର୍ଦ୍ଧ୍ୱକୁ ଆସନ୍ତୁ। ସମସ୍ତ ଦଳରେ ସମସ୍ତଙ୍କୁ ସମାନ ମର୍ଯ୍ୟାଦା ଓ ଗୁରୁତ୍ୱ ମିଳୁ। ସମାନ ଭାଗିଦାରୀ ସ୍ଥାପନ ହେଉ। ଜାତିଗତ ଆବିଳତା ଛାଡି ସ୍ୱଚ୍ଛ ଓ ପବିତ୍ର ମାନସିକତାର ଆଧାରରେ ଭାରତବର୍ଷକୁ ବିଶ୍ୱରେ ଏକ ନମ୍ବର କରିବାର ପ୍ରୟାସ ହେଉ।


+ (ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦


## ପ୍ରତାରିତ ସାଧାରଣ ମଣିଷଙ୍କ ଗତି କେଉଁଆଡକୁ..... ?

**ପଙ୍କଜ କୁମାର ପାଣିଗ୍ରାହୀ**

ସେମାନେ ସମସ୍ତେ ମିଳିମିଶି ଦିବା ନିଶି କେବଳ ମିଛ କହୁଛନ୍ତି ! ଅବୈଜ୍ଞାନିକ, ଅସଂଯୋଜିତ ଏବଂ ଅନବାଶ୍ୟକ କଥା, କାର୍ଯ୍ୟକଳାପ ଗୁଡିକୁ ନେଇ ସମାଜରେ ଏମିତି ଭୟାବହ ରଚନାତ୍ମକ ପରିବେଷଣ କରୁଛନ୍ତି ଯାହା ସାଧାରଣ ଲୋକେ କୌଣସି ପରିରାଇଜର ଅଲୌକିକ ବିଷୟ ଭଳି ଅନୁଭବ କରି ଆତ୍ମ ସନ୍ତୋଷ ଲାଭ କରୁଛନ୍ତି ! ପ୍ରକୃତ ଅଭାବନୀୟତା ଗୁଡିକୁ ଆଢୁଆଳରେ ରଖି କେବଳ କୋଳାହଳ ମାଧମରେ ଜନମାନସକୁ ବିଚଳିତ କରିବାରେ ବ୍ୟସ୍ତ ଲୁଟେରା, ଚତୁର କେଳେଙ୍କାରୀ ଗୋଷ୍ଠୀ ! ସଂସ୍କାର ରହିତ ସମାଜ କେତେ ଉପରକୁ ଗଲେ ମଧ ତାକୁ ଉନ୍ନତି ବୋଲି କୁହାଯାଇ ପାରିବ ନାହିଁ। ବିଜ୍ଞାନ ଆଉ ବିଜ୍ଞାନ ହୋଇ ରହିନାହିଁ ! ଦର୍ଶନକୁ ଭ୍ରମିତ କରି ଦାର୍ଶନିକଙ୍କ ମତବାଦ ଗୁଡିକ ବିପରୀତମୁଖୀ ଚେତନାରେ ମଣିଷଙ୍କୁ ବିତରଣ କରି ବ୍ୟବସାୟୀକ ଢାଞ୍ଚାରେ ବ୍ୟବହାର କରୁଛନ୍ତି ଗୈରିକ ବସ୍ତ୍ରଧାରୀ ଅସତ୍ ଭ୍ରଷ୍ଟାଚ୍ଚରୀ । ମାନବିକ ଚେତନା ଜ୍ଞାନ ବିତରଣ ତ ବହୁତ ଦୂର, ତା'ର ମହତ୍ୱ କାହାକୁ ବୁଝୁ ନାହିଁ ଆଜି ସମୟରେ । ବିଜ୍ଞାନକୁ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ କବଳିତ କରି ସାରା ସଂସାରକୁ ପ୍ରତାରିତ କରିବାରେ ବ୍ୟସ୍ତ । ଚତୁର ବ୍ୟବସାୟୀ ସମ୍ପୂର୍ଣ୍ଣ ଅଜ୍ଞାନ ଅଟନ୍ତି । ସେମାନଙ୍କ ଜ୍ଞାନଶୂନ୍ୟ ଚତୁରତାକୁ ଅସତ୍ ବ୍ୟବହାର କରି ନିଜେ ଟଙ୍କା ପଛରେ ଦୌଡିବା ସହିତ ସମଗ୍ର ସଂସାରକୁ ଟଙ୍କା ହିଁ କେବଳ କରି ଯାହା ସବୁ ପ୍ରଚ୍ଚର, ପ୍ରସାର କରୁଛନ୍ତି ସେସବୁ ସମ୍ପୂର୍ଣ୍ଣ ମିଥ୍ୟା । ଅପ୍ରାକୃତିକ ମନୁଷ୍ୟକୃତ ଟଙ୍କାକୁ ମାନବ ସମ୍ବଳ ବିକାଶର ମୁଖ୍ୟ ଧାରା ଭାବେ ପ୍ରଦର୍ଶିତ ସେମାନଙ୍କ ମିଥ୍ୟା ବଚନ ମଣିଷକୁ ଅମଣିଷ କରି ଅହରହ ଅଶାନ୍ତିରେ ରଖିଛି ସର୍ବତ୍ର । ନୂତନ ବୈଜ୍ଞାନିକ ସୃଷ୍ଟି ହେବା, ବୈଜ୍ଞାନିକ ଆବିଷ୍କାର କିମ୍ବା ଉଦ୍ଭାବନ ଆଉ ହେଉନାହିଁ । କାରଣ, ଟଙ୍କା ମଣିଷ ଜୀବନର ସବୁକିଛି ପଲିଟି ଯାଇଛି, ଯଦ୍ୱାରା ଅନ୍ତର୍ଜ୍ଞାନୀ ଆଉ ସୃଷ୍ଟି ନହୋଇ ଟଙ୍କାରେ ପରିଚ୍ଚଳିତ ଶିକ୍ଷାଧାରୀ ଉତ୍ପନ୍ନ ହୋଇ ସେହି ପୁରାତନ ବିଜ୍ଞାନର ଜ୍ଞାନ କୌଶଳ ଗୁଡିକୁ ରୂପାନ୍ତରିତ କରି କେବଳ ଟଙ୍କା ଉପାର୍ଜନ କରିବାରେ ବ୍ୟସ୍ତ ସମଗ୍ର ବିଶ୍ୱବାସୀ । ଦେଶ ଶାସନ, ପ୍ରଶାସନରେ ମଧ ବ୍ୟପାରୀଙ୍କ ହସ୍ତକ୍ଷେପ ଯାହା କେବଳ ଟଙ୍କାରେ ହିଁ ପ୍ରତ୍ୟେକ ମୁହୂର୍ତ୍ତ, ପ୍ରତ୍ୟେକ ଜିନିଷକୁ ପରିଚ୍ଚଳିତ କରାଯାଉଥିବା ଆଜିର ସାମାଜିକ ସ୍ଥିତି ସମ୍ପୂର୍ଣ୍ଣ ବିପଦମୁଖୀ ଅବସ୍ଥାରେ ବିଶ୍ୱବ୍ୟାପୀ । ଅଜ୍ଞାନ ଚତୁର ବ୍ୟପାରୀଙ୍କୁ ରାଷ୍ଟ୍ର ଭାର ଟେକିଦେଲେ ସେମାନେ ଲୋକଙ୍କୁ ଜ୍ଞାନର ପଥ ପରିବର୍ତ୍ତେ କେବଳ ଟଙ୍କାର ବିଭୀଷିକା ମଧ୍ୟରେ ପେଷି ନିଷ୍ପେସିତ କରିବାରେ ବ୍ୟସ୍ତ ଯାହା ସାଧାରଣ ମଣିଷ ଆଦୌ ବୁଝି ପାରୁନାହାନ୍ତି ! ଜୀବନର ଦୁଖଦଃ କରାଳତାକୁ କେବଳ ଟଙ୍କାରେ ତଉଲି ନିଜସ୍ୱ ଜୀବନର ମାନବିକ ମୂଲ୍ୟବୋଧ କରି ପାରୁନାହାନ୍ତି ସାଧାରଣ ମଣିଷ । ଦୁର୍ଲ୍ଲଭ ମନୁଷ୍ୟ ଜୀବନକୁ ପ୍ରାକୃତିକ ଭାବେ ଉପଭୋଗ କରିବାର ସୁଯୋଗ ନାହିଁ ଆଜିର ଏହି ଟଙ୍କା ମାୟା ସମାଜରେ । ପ୍ରତ୍ୟେକ ସମୟରେ ମଣିଷ ମନରେ କେବଳ ଟଙ୍କାର ସାୟା । ଜୀବନବୋଧତାର ମୂଲ୍ୟ କେବଳ ଗୋଟିଏ ଜଡ଼ ପଦାର୍ଥ ହୋଇ ରହିଯାଇଛି ମଣିଷ ମନରେ ! ଏମିତିକି ଏହି ଜନ୍ମର ଅର୍ଜିତ ଟଙ୍କାକୁ ପର ଜନ୍ମରେ ଉପଭୋଗ କରିବାର ସ୍ୱପ୍ନ ଦେଖାଇ ମଣିଷକୁ ଏମିତି ଅସନ୍ତୁଳିତ କରି ରଖିଛନ୍ତି ବ୍ୟବସାୟୀ ଏବଂ ବ୍ୟପାରୀ ରାଜନୈତିକ ମଣିଷ ଗୁଡିକ ଯାହା ସମୀକ୍ଷା କରିବା ପାଇଁ ସମୟ ନାହିଁ କାହା ପାଖରେ । ଆଉ ଅଜ୍ଞାନଙ୍କ କଥା ତ ବହୁ ଦୂରରେ ! ହେଲେ ଉପସ୍ଥିତ ସମୟର ବିଭିନ୍ନ ସ୍ତରରେ ନିୟୋଜିତ ଚତୁର ମିଥ୍ୟାବାଦୀଙ୍କ ପ୍ରତାରଣାପୂର୍ଣ୍ଣ ମନ୍ତବ୍ୟ ଗୁଡିକୁ ଅନୁକରଣ, ଅନୁସରଣ କରି ପ୍ରତାରିତ ସାଧାରଣ ମଣିଷଙ୍କ ଗତି କେଉଁ ଆଡକୁ ଯାଉଛି ବିଚ୍ଚର କରି ଦେଖିବା.....

କହିବାକୁ ଗଲେ ୯୯.୯୯ ଶତକଡା ମଣିଷ କେବଳ ଟଙ୍କା ପଛରେ ଦୌଡ଼ ଲଗାଇ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ କେବଳ ଟଙ୍କାରେ ତଉଲି ବଂଚୁଥିବା ଦେଖିବାକୁ ମିଳୁଛି ସବୁଠାରେ ! ସବୁ ମଣିଷଙ୍କ ଅନ୍ତର୍ଭାବ କେବଳ ଟଙ୍କା ଏକତ୍ରିତ କରି ନିଜର ସମ୍ପତ୍ତି ବୃଦ୍ଧି କରିବା ଦିଗରେ ପରିଚ୍ଚଳିତ ମାୟାର ଆଦି ଅନ୍ତ ବୁଝନ୍ତି ନାହିଁ ସେମାନେ । ଟଙ୍କାର ମୂଲ୍ୟାୟନ ଏବଂ ପରିମାପକ ବିଷୟରେ ବିଷଦ୍ କଣ କିଂଚିତ୍ ଜ୍ଞାନ ମଧ ନାହିଁ କାହାର ! ତେଣୁ ଏକ ଅଲୌକିକ ମାୟା ପଛରେ ପଡି ସବୁ ମଣିଷ ନିଜ ଜୀବନକୁ ନିଜ ହାତରେ ଜଳାଳି ଦେବାରେ ଟିକେହେଲେ ଦ୍ୱିଧା ଅନୁଭବ କରୁନଥିବା ଅତ୍ୟନ୍ତ ପରିତାପର ବିଷୟ ଆଜି ସମୟର । ଏହି ମାୟାର ମୁଖ୍ୟ ପୁରୋଧା ଏବଂ ପରିଚ୍ଚଳକ ବ୍ୟବସାୟୀ ମାନେ । ଏବଂ ସେମାନଙ୍କ ମାୟାକୁ ସମାଜରେ ବିତରଣ କରିବା ଶାସନ ପ୍ରଶାସନ ଭାରାକ୍ରାନ୍ତ ମଣିଷ ଗୁଡିକ ସେମାନଙ୍କ ମୁଖ୍ୟ ମାଧମ ରୂପେ କାର୍ଯ୍ୟ କରିଥା'ନ୍ତି ସମାଜରେ । ସେମାନଙ୍କ ଚତୁରତାକୁ ଚରିତାର୍ଥ କରିବା ପାଇଁ ବିଭିନ୍ନ ଉପାୟରେ ସରକାରୀ କଳ ସହିତ ସଲାସୁତୁରା କରି ସମାଜରେ ଅଜ୍ଞାନତା ବାଣ୍ଟିଥା'ନ୍ତି ଅଜ୍ଞ ଚତୁର ବ୍ୟବସାୟୀ । ଆଉ ସେସବୁ ପରୋକ୍ଷରେ ସରକାରୀ କାଳର ଅନୁମୋଦନରେ ସାଧାରଣ ଲୋକଙ୍କ ପାଖରେ ପହଂଚି ଥାଏ । ସେଗୁଡିକୁ ତ୍ୱରାନ୍ୱିତ କରିବାରେ ଅଜ୍ଞାନ ଶିକ୍ଷିତ ପ୍ରଶାସନିକ ଅଧିକାରୀ ଦଳ କ୍ଷେତ୍ର ପ୍ରସ୍ତୁତ କରି ବିତରଣ କରାଯାଇଥାଏ ଲୋକଙ୍କ ମଧରେ । ସାଧାରଣ ଲୋକେ ଏତେ ନିରୀହ, ନିର୍ବୋଧ ଯେ ସେମାନଙ୍କ ଦ୍ୱାରା ପ୍ରେରିତ, ପ୍ରଚ୍ଚରିତ, ପ୍ରସାରିତ ସମସ୍ତ ମିଥ୍ୟା କୁହେଳିକା ଗୁଡିକୁ ଅତ୍ୟନ୍ତ ଆନନ୍ଦର ସହିତ ଗ୍ରହଣ କରି ନିଜକୁ ପ୍ରତାରିତ କରି ଲାଗି ପଡ଼ିଥା'ନ୍ତି ସେମାନଙ୍କୁ ସେବା ଯୋଗାଇ ଦେବାରେ ପରୋକ୍ଷରେ । ସେମାନଙ୍କ ବିପରୀତ ମୁଖି ପ୍ରବଚନ ଗୁଡିକ ପ୍ରତ୍ୟେକ୍ଷରେ ସାଧାରଣ ଲୋକଙ୍କୁ ଆନନ୍ଦ ପ୍ରଦାନ କରୁଥିବା ବେଳେ ପରୋକ୍ଷରେ ପ୍ରତାରିତ କରୁଥିବା ଅତ୍ୟନ୍ତ ଦୁଃଖର ବିଷୟ ବୁଝି ପାରନ୍ତି ନାହିଁ ସେମାନେ । ବାସ୍ତବ, ପ୍ରାକୃତିକ ସାରଂଚନା ଏବଂ ମନୁଷ୍ୟକୃତ ଅପ୍ରାକୃତିକ କରାଳତାର ବିଭୀଷିକା ମଧ୍ୟରେ ନିଜକୁ ନିଷ୍ପେସିତ କରି ମଣିଷ ନିଜର ଜୀବନକୁ କେମିତି ନଷ୍ଟ କରୁଛନ୍ତି ଆଜି ସମୟରେ ବିଚ୍ଚର କରିବା.....

ଯିଏ ଯାହା ଲେଖିଲା, କହିଲା ସେସବୁ ଗୁଡିକୁ ନିର୍ଦ୍ୱନ୍ଦରେ ବିଶ୍ୱାସ କରି ନିଜ ଜୀବନ ସହିତ ଯୋଡ଼ିଦେଇ ବଂଚିବା ଶିଖିଥା'ନ୍ତି ନିରୀହ, ନିର୍ବୋଧ ସାଧାରଣ ମଣିଷ ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)





### ତୁମେ ଗଲାପରେ

**ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ**

ଠିକ୍ ତୁମ ପରି ଉତ୍ତପ୍ତ ହୋଇ ଉଠିଛି
ଆଜି ମୋ ଅଭ୍ୟନ୍ତର,
ଧୂ ଧୂ ଖରାବେଳେ ଆଉ ଶୁଭୁନାହିଁ
ନିଃଶ୍ୱାସ ନିଦାଘର।
କେଉଁ ଆଶାରେ ଆଉ
ଅପେକ୍ଷିଥା'ନ୍ତି ବର୍ଷା ରାତି ?
ତୁମେ ଗଲା ପରେ,
ଶ୍ରାବଣ ଯେଉଁଠି ଜାଳୁଛି
ଦେହକୁ ମନକୁ ଥରକୁ ଥର।
ତୁମେ ଗଲା ପରେ,
ଫର୍ଚ୍ଚା ଆକାଶ ଟା କାହିଁ
ନୀଳ ଠୁ ବି ଲାଗୁଛି ଆହୁରି ଘନନୀଳ;
ଯୌବନ ଟା ଅନ୍ଧାରୀ ମୂଳକରୁ
ଆଉ ମୁକୁଳି ପାରେନି,
ଜାଳିଦିଏ
ଯାହା ମୋ ତମାମ ଆୟୁଷ୍କାଳ ।
ଏବେ ମୋ ସହରରେ
ଖାଲି ପୁଳା ପୁଳା ଅନ୍ଧାର।
ତୁମେ ଗଲା ପରେ
ଏବେ କେବେ କେମିତି
ଜୀବନେ ଲାଗିରହେ
ଅତର୍ଚ୍ଛା ଦୌଡ଼;
ବିସ୍ତୀର୍ଣ୍ଣ ବନ୍ଧନୀ ବି ଖାଁ ଖାଁ ଲାଗେ,
ଗୁମସୁମ୍ ହୁଏ
କୋଳାହଳମୟ ସହରିଆ ଭିଡ଼।
ତୁମେ ଗଲାପରେ ଦେଖ
ଫିଟି ଫିଟାଇଦେଇଛି
ମାୟା ମମତାର ଗୁମର ବନ୍ଧନ,
ରକ୍ତ ବୋହିବାର ଚିତ୍ରପଟ୍ଟରେ
ନୀରବି ଚାଲିଛି ହୃଦୟ ସ୍ପନ୍ଦନ,
ମୁରୁକି ମୁରୁକି ହସୁଛି ଏଠି
ମାୟାକାଚ ର ଦର୍ପଣ।
ଅନ୍ଧାର ଛାତିକୁ ଫାଳ ଫାଳ କରି
ଶୁଭୁଅଛି ଯାହା ଆର୍ତ୍ତ ଚିତ୍କାର।


+ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍-୭୫୬୦୦୧
ମୋ: ୭୭୮୮୯୭୭୨୭୬।


### ସୁନୟନା

**ନିରଞ୍ଜନ ସାହୁ**

ସିନାନ ସକାଶେ ଗାଧୁଆ କୁଣ୍ଡରେ
ଭସାଅ ଗୋଲାପ ପାଖୁଡା
ଦେବାଳୟ ଯିବା ଉଦ୍ଦେଶ୍ୟରେ ରଖ
ନଡ଼ିଆ, କଦଳୀ, ଉଖୁଡା ।

ଦିନକୁ ଦିନ ତ ବୟସ ବଢ଼ଇ
ତୁମେ ବୁଝନା ଏ କଥା
ନିଜକୁ ଭାବୁଛ ଅଳପ ବୟସୀ
ଷୋଡ଼ଶୀ ଯୁବତୀ ଯଥା
ଗୁଣୁଗୁଣୁ ହୋଇ ଗାଉଥାଅ ତୁମେ
ସିନେମା ସଙ୍ଗୀତ ମୁଖୁଡା ।

ଅତି ଯତନରେ ନିଜକୁ ସଜାଅ
ସାଜିଥାଅ ମନଲୋଭା
କବି ଉପମାରୁ ବଳି ତୁମେ ଅଟ
ଝଟକଇ ତୁମ ଆଭା
ଟାଣ କଥା ପଦେ ଦେହରେ ଯାଏନା
ହୋଇଯାଅ କାଚ ଟୁକୁଡା ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩


### ଚିଠିଟିଏ ସ୍ମୃତିଟିଏ

**ସୁଶାନ୍ତ କୁମାର ପଣ୍ଡା**

ହ୍ୱାଟସ୍‌ଆପ୍ ଚାଟ୍ ବହୁତ ହେଲାଣି
ଫେରିଯିବା ଆସ ଅତୀତକୁ
ହାତରେ ଧରିବା କାଗଜ କଲମ
ପୁଣି ଲେଖିବାକୁ ଚିଠିଟିକୁ।

ଅର୍ନ୍ତଦେଶୀୟ ପତ୍ର ହେଉ ଅବା
ଖୋଲା ପୋଷ୍ଟକାର୍ଡ ମାଧ୍ୟମରେ
ଲେଖିବା ମନର ଅକୁହା କଥାକୁ
କେବେ ପୁଣି ବନ୍ଦ ଲଫାପାରେ ।

ସେଥିପାଇଁ ବନ୍ଧୁ ନିବେଦନ କରେ
ଫେରିଯିବା ଆସ ଅତୀତକୁ
ହାତରେ ଧରିବା କାଗଜ କଲମ
ପୁଣି ଲେଖିବାକୁ ଚିଠିଟିକୁ।

ଚିଠିଟେ ଲେଖିବା ବାପାଙ୍କ ପାଖକୁ
ଭୂମିଷ୍ଠ ପ୍ରଣାମ ଦେଇ
ବୁଝିନେବା ତାଙ୍କ ସୁଖ ଦୁଃଖ କଥା
ନିଜକୁ ସମର୍ପି ଦେଇ ।

ଚିଠିଟେ ଲେଖିବା ମାଆର ପାଖକୁ
ସମ୍ମାନ ଓ ଶ୍ରଦ୍ଧା ଦେଇ
ସେହି ପରା ଅଟେ ବିଶ୍ୱ ବନ୍ଦନୀୟା
ଆଉ ବା ପାଇବା କାହିଁ ।

ଚିଠିଟେ ଲେଖିବା ଗୁରୁଙ୍କ ପାଖକୁ
ଯୋଡ କର ଯୋଡି ଦେଇ
ଯାହାଠୁଁ ଶିଖିଛେ ଅକ୍ଷର ଅକ୍ଷର
ସାକ୍ଷର ହୋଇଛେ ଯାଇ ।

ଚିଠିଟେ ଲେଖିବା ପ୍ରିୟାର ପାଖକୁ
ପ୍ରେମର ପରଶ ଦେଇ
ବାରମ୍ବାର ସେ ଯେ ପଢୁଥିବ ଚିଠି
ତକିଆ ତଳେ ସେ ଥୋଇ ।

ଚିଠିଟେ ଲେଖିବା ବଡ ଭାଇ ପାଖୁ
ଭାଇର ସମ୍ମାନ ଦେଇ
ଭାଇ ପରା ଠିଆ ବିପଦେ ଆପଦେ
ତାହା ପରି କିଏ କାହିଁ ।

ଚିଠିଟେ ଲେଖିବା ବନ୍ଧୁଟିଏ ପାଖୁ
ଅନ୍ତରର କଥା କହି
ହସିବା କାନ୍ଦିବା ବନ୍ଧୁଟିଏ ସାଥେ
ସଦା ପାଖେ ପାଖେ ରହି ।

ଚିଠିଟେ ଲେଖିବା ଅଜା ଆଇ ପାଖୁ
ଆସୁଛି ରଜ ଛୁଟିରେ
ଭଲକି କରିବୁ ପୋଡପିଠାଟିଏ
ବାଜିନି କେବେ ପାଟିରେ ।

ଚିଠିଟେ ଲେଖିବା ଜେଜେ ଓ ଜେଜିକୁ
ଭ୍ରମଣ ବିଷୟ ନେଇ
କେବେ ଦଶହରା କେବେ ଖରା ଛୁଟି
କେମିତ କାଟିଲେ ରହି ।

ଚିଠିଟେ ଲେଖିବା ସମୟେ ସମୟେ
ବନ୍ଧୁ ପରିଜନ ମାନଙ୍କୁ
ଭଲ ମନ୍ଦ କଥା ବୁଝି ନେଉଥିବା
ବୁଝାଇ ଅବୁଝା ମନକୁ ।

ଚିଠିତ ଶିଖାଏ ସୃଜନଶୀଳତା
ଚିନ୍ତା ଓ ଚେତନା ବ୍ରତ
ଚିଠି ଭାବନାର ଗନ୍ତାଘରଟିଏ
ସତ ମୁଁ କହୁଛି ମିତ ।

ପାଇବା ଚିଠିକୁ ରଖିବା ସାଇତି
ପଢିବା ମଝିରେ ମଝିରେ
ଚିଠି ନୁହେଁ ଖାଲି ସ୍ମୃତିଟିଏ କରି
ରଖିବା ସଦା ପାଖରେ ।


+ଭାରତୀୟ ଡ଼ାକ ବିଭାଗ
କଟକ ଦକ୍ଷିଣ ଡ଼ାକମଣ୍ଡଳ, କଟକ
ମୋ-୯୮୫୩୯୭୫୮୫୪


### ଭସାଣି

**ଜୁମର ନାଥ ପାତ୍ର**

ନଦୀ ଖରାପ ହବ
ଗାଡ଼ିଆଟେ ଭିତରେ ପଲିଥିନ
ଆଉ ଟେକା ପାଣିରେ ଲଦାଲଦି
ବିସର୍ଜନ ପରେ ମେଢ଼ ସବୁ
ଘାଟରେ ଜଗିଛି ରାମୁଲୁ
ଫାଙ୍କା ହେଲେ ଘୋଷାରିବ ଆଙ୍କୁଡିରେ
ନଡ଼ା ଆଉ କିଳା ସବୁକୁ
ଖରାରେ ଶୁଖେଇ ତା' ମେଣ୍ଟେଇବ
ଏଇ ସିଜିନ ଆମଦାନୀର ଶୋଷ...
ଢୋ ଢୋ ବର୍ଷାରେ
ଉବୁଟୁବୁ ବଡ଼ପୋଲ
ସାଥିରେ ନାଲିପାଣିର ବୋତଲ ଆଉ
ନାଲି ପାଣି ନେଇ ଭାସୁଛି ରାସ୍ତା
ଗଳିଟା ଭିତରେ ଓଦା ପାଗରେ ବି
ଖୁବ୍ ଜଳୁଛି ଚିଲମ ନିଆଁ ଆଉ ଧୂଆଁ
ବାଡ଼ି ବୁଲୁଛି...ବକ୍ସ କମ୍ପୁଛି
ମାମୁଁ ବାଡ଼ି ବାଟ କଢ଼େଇ ନେଉଛି..
ରାତିର ଉଦ୍ଦାମତା ବଢ଼ିଛି
ଦେଖଣାହାରୀ କମିଛି
କମିଟି ସାଥିରେ ପ୍ରଶାସନ ଚାଲିଛି
ମେଢ଼ ଗଡୁଛି... ଭସାଣି ଚାଲିଛି...
ନଦୀ ଗୁମାନ କରିଛି
ମେଢ଼କୁ ଅପେକ୍ଷି ସାଗରେ ଧାଉଁଛି
ଦୁଃଖ କରିଛି ସେ
ଜାଣତେ ବା ଅଜାଣତେ ଭସେଇଛି
ତଟ ଗାଁର ଭୁଆସୁଣୀ ଅବା
ବ୍ୟର୍ଥ ପ୍ରେମି ଯୁଗଳ ଆଉ
ସର୍ବସ୍ୱାନ୍ତ ଭଗିଆକୁ ତା'ରି ପାଣିରେ
ଯେବେ ପୋଲ ଉପରୁ
ଡେଇଁଛନ୍ତି ତା'କୋଳକୁ
ନିରାପଦ ଆଶ୍ରୟ ଭାବି
ଯାହାଙ୍କୁ ଅପେକ୍ଷାରେ ଥାଏ
ସେମାନଙ୍କୁ ନପାଇ ତା' ବକ୍ଷେ
ଭାଙ୍ଗି ପଡ଼ିଛି ନଦୀ ଆଜି
ଏଇ କ'ଣ ଭସାଣି... ! ! !



କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୫୭)

# ବାଳି ବଧ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଶ୍ରୀରାମ ଓ ସୁଗ୍ରୀବଙ୍କ ମଧ୍ୟରେ ମିତ୍ରତା ସ୍ଥାପନ ହୋଇଗଲା। ଶ୍ରୀରାମ ସୁଗ୍ରୀବଙ୍କ ମନରେ ଥିବା ସନ୍ଦେହକୁ ଦୂର କରିବାକୁ ସାତଟି ଶାଳଗଛକୁ ଭେଦ କଲେ। ମିତ୍ର ସୁଗ୍ରୀବଙ୍କୁ ଶ୍ରୀରାମ କଥା ଦେଇଥିଲେ ଯେ ସେ ଅନ୍ୟାୟ କରିଥିବା ବଡ଼ ଭାଇ ବାଳିକୁ ବଧ କରିବେ ଓ ତାଙ୍କୁ ତାଙ୍କ ରାଜ୍ୟ ଓ ପତ୍ନୀ ଫେରାଇ ଦେବେ। ସୀତାଙ୍କ ବିରହରେ ଥିବା ଶ୍ରୀରାମ ମିତ୍ର ସୁଗ୍ରୀବଙ୍କ ଦୁଃଖକୁ ବୁଝି ପାରିଥିଲେ। ସେ ବାଳିକୁ ବଧ କରିବାର ଯୋଜନା କଲେ।

ଯୋଜନା ଅନୁସାରେ ସୁଗ୍ରୀବ କିଷ୍କିନ୍ଧ୍ୟା ଯାଇ ବାଳିକଙ୍କୁ ଯୁଦ୍ଧ କରିବାକୁ ଆହ୍ୱାନ ଦେବେ। ଯୁଦ୍ଧ କରିବା ସମୟରେ ଶ୍ରୀରାମ ବାଳିଙ୍କୁ ପଛରେ ରହି



ଶର ମାରି ବଧ କରିବେ।

ପଛରେ ରହି ବାଳିଙ୍କୁ ଶର ମାରିବା କଥାରେ ଶ୍ରୀରାମ ପ୍ରଥମେ ରରାଜି ହେଉନଥିଲେ। ମାତ୍ର ବାଳିଙ୍କୁ ବ୍ରହ୍ମା ଦେଇଥିବା ବର କଥା ଶୁଣି ତାଙ୍କ ପାଖରେ ଆଉ କିଛି ଉପାୟ ନଥିଲା। ବାଳି ବ୍ରହ୍ମାଙ୍କୁ ତପସ୍ୟା କରି ଏ ବଳ ପାଇଥିଲେ ଯେ ତାଙ୍କ ସାଙ୍ଗରେ ଯିଏ ଯୁଦ୍ଧ କରିବ, ତାର ଅର୍ଦ୍ଧେକ ବଳ ବାଳିଙ୍କୁ ମିଳିବ। ତେଣୁ ବାଳିଙ୍କୁ ସାମ୍ନା କରି ଯୁଦ୍ଧ କରି ତାଙ୍କୁ କେହି ହରେଇ ପାରୁନଥିଲେ।

ଶ୍ରୀରାମଙ୍କ ଯୋଜନା ଅନୁସାରେ ସୁଗ୍ରୀବ କିଷ୍କିନ୍ଧ୍ୟା ରାଜନବର ଦ୍ୱାରଦେଶକୁ ଯାଇ ରଣ ହୁଙ୍କାର ଦେଲେ। ସୁଗ୍ରୀବଙ୍କ ରଣ ହୁଙ୍କାର ବାଳି ଶୁଣିପାରିଲେ ଓ ସେ ସଂଗେ ସଂଗେ ସୁଗ୍ରୀବଙ୍କ ସହିତ ଯୁଦ୍ଧ ଲାଗି ବାହାରି ଆସିଲେ।

ସେମାନଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହେଲା। ବାଳି ସୁଗ୍ରୀବଙ୍କଠାରୁ ବଳବାନ ଥିଲେ। ଦ୍ୱିତୀୟ କଥା ହେଲା ସୁଗ୍ରୀବଙ୍କ ଅଧା ବଳ ତାଙ୍କୁ ମିଳିଗଲା। ତେଣୁ ସୁଗ୍ରୀବ ଭୀଷଣ ଭାବରେ ବାଳିଙ୍କଠାରୁ ହାରିଗଲେ। ଗଛ ଉଢ଼ାଳରେ ଶ୍ରୀରାମ ଧୁନଶର ଧରି ପ୍ରସ୍ତୁତ ଥିଲେ। ମାତ୍ର ସେ ଶର ନିକ୍ଷେପ କରିପାରିଲେନି। ବାଳି ଓ ସୁଗ୍ରୀବ ଦିଭାଇ ଥିଲେ ଓ ଦି ଜଣ ସମାନ ଦିଶୁଥିଲେ। ବିଶେଷ କରି ଯୁଦ୍ଧ କରିବା ସମୟରେ ବାଳି କିଏ, ସୁଗ୍ରୀବ କିଏ ଜାଣିବା କଷ୍ଟକର ଥିଲା।

ପରାଜିତ ହୋଇ ଓ କ୍ଷତାକ୍ତ ହୋଇ ସୁଗ୍ରୀବ ମାତଙ୍ଗ ବନରେ ପ୍ରବେଶ କଲେ। ଋଷିଙ୍କଠାରୁ ବାଳି ଶାପ ପାଇଥିଲେ। ସେଥିଲାଗି ସେ ମାତଙ୍ଗ ବନରେ ପ୍ରବେଶ କଲେ ନାହିଁ।

ରାମ, ଲକ୍ଷ୍ମଣ ଓ ହନୁମାନ ଓ ଅନ୍ୟମାନେ ବନ ଯାଇ ସୁଗ୍ରୀବଙ୍କୁ ଦେଖାକଲେ। ସୁଗ୍ରୀବ କ୍ଷତାକ୍ତ ଥିଲେ ଓ ବହୁତ କଷ୍ଟ ପାଉଥିଲେ। ରାମ ତାଙ୍କ ସମସ୍ୟା କଥା କହିଲେ ଓ ଦ୍ୱିତୀୟ ଥର ବାଳି ସହିତ ଯୁଦ୍ଧ କରିବାକୁ ସୁଗ୍ରୀବଙ୍କୁ ଅନୁରୋଧ କଲେ। "ଏଥର ତୁମ ଗଳାରେ ଏକ ଫୁଲମାଳ ରହିବ ଓ ତୁମକୁ ମୁଁ ସହଜରେ ଚିହ୍ନି ପାରିବି" ଆଶ୍ୱାସନା ଦେଲେ ପ୍ରଭୁ ଶ୍ରୀରାମ।

ଶ୍ରୀରାମଙ୍କ ଆଦେଶ ପାଇ ଲକ୍ଷ୍ମଣ ଜଙ୍ଗଲରେ ପ୍ରବେଶ କଲେ ଓ ନାଗେଶ୍ୱର ଫୁଲ ଆଣି ସୁଗ୍ରୀବଙ୍କ ଲାଗି ଏକ ମାଳ କରି ତାଙ୍କୁ ପିନ୍ଧାଇ ଦେଲେ। ଶ୍ରୀରାମଙ୍କଠାରୁ ଆଶ୍ୱାସନା ପାଇ ସୁଗ୍ରୀବ ଦ୍ୱିତୀୟବାର କିଷ୍କିନ୍ଧ୍ୟା ନଗରୀରେ ପ୍ରବେଶ କଲେ ଓ ବାଳିକୁ ଯୁଦ୍ଧ ଲାଗି ଆହ୍ୱାନ ଦେଲେ।

ବାଳି ରାଣୀ ତାରାଙ୍କ ସହିତ ଅନ୍ତଃପୁରରେ ଥିଲେ। ସୁଗ୍ରୀବଙ୍କ ରଣହୁଙ୍କାର ଶୁଣି ସେ ସଂଗେ ସଂଗେ ଯୁଦ୍ଧ ଲାଗି ବାହାରିଲେ ଓ ଏଥର ସୁଗ୍ରୀବଙ୍କ ବଧ କରିବାକୁ ନିଶ୍ଚିତ କଲେ। ସେହି ସମୟରେ ମହାରାଣୀ ତାରା ବାଳିଙ୍କୁ ଯୁଦ୍ଧ ଲାଗି ନଯିବାକୁ ଅନୁନୟ କଲେ। ସେ ରାମ ଲକ୍ଷ୍ମଣଙ୍କ ସଂପର୍କରେ କିଛି କଥା ଶୁଣିଥିଲେ ଓ ତାଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା। ଅହଂକାରୀ ବାଳି କିନ୍ତୁ ତାରାଙ୍କ କଥା ଶୁଣି ନଥିଲେ ଓ ସୁଗ୍ରୀବଙ୍କୁ ମାରି ଅନ୍ତଃପୁରକୁ ଶୀଘ୍ର ଫେରିବେ ବୋଲି ବାହାସ୍ଫୋଟ ମାରିଥିଲେ।

ବାଳି-ସୁଗ୍ରୀବଙ୍କ ମଧ୍ୟରେ ଦ୍ୱିତୀୟଥର ପାଇଁ ଘମାଘୋଟ ଲଢ଼େଇ ଆରମ୍ଭ ହୋଇଗଲା। ଯାହାର ସୁରକ୍ଷାପାଇଁ ସ୍ୱୟଂ ଶ୍ରୀରାମ ଧନୁଶର ଧରିଛନ୍ତି, ତାଙ୍କୁ କିଏ ବା ମାରିପାରିବ।

ଏଥର ସୁଗ୍ରୀବଙ୍କୁ ଚିହ୍ନିବାରେ କିଛି ଅସୁବିଧା ହେଲା ନାହିଁ। ଉଚିତ୍ ସମୟରେ ଶ୍ରୀରାମ ବାଳିଙ୍କ ପୃଷ୍ଠଭାଗରେ ରହି ଶର ନିକ୍ଷେପ କଲେ ଓ ଶର ବାଳିଙ୍କୁ ବଦ୍ଧ ହେଲା ଓ ବାଳି ଭୂପତିତ ହେଲେ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

ମୋ: ୯୯୮୦୩୦୦୭୫୧

## ହାତୀ ମଉସା,ତୁମେ କେତେ ଭଲ . . .



ନଗେନ୍ଦ୍ର ନାଥ ପଟ୍ଟନାୟକ



ବିଶାଳକାୟ ହାତୀଟିଏ ବାଟବଣା ହୋଇ ଗୋଟିଏ ନୂଆ ଜଙ୍ଗଲରେ ଆସି ପହଁଚିଲା । ସେଠାରେ ତା'ର କେହି ସାଙ୍ଗ ନ ଥିଲେ । ଏଆଡେ ସିଆଡେ ବୁଲୁ ବୁଲୁ ହାତୀ ପାଣିରେ ଡିଆକୁଦ କରୁଥିବା ଫାଲୁଅ ବେଙ୍ଗଟିକୁ ଦେଖିଲା । କୌତୂହଳରେ ପଚାରିଲା-ତୁମେ କଣ ମୋ ସହିତ ମିତ ବସିବ ? ଫାଲୁଆ କହିଲା - ତୁମେ ଏଡେ ବିରାଟକାୟ ଜନ୍ତୁ ହୋଇପାର, କିନ୍ତୁ ମୋ ଭଳି ତୁମେ ଡିଆଁଡେଇଁ କରିପାରିବ ନାଇଁ . . . . ଏବେ କୁହତ ତୁମେ ଆଉ ମୁଁ କେମିତି ସାଥୀ ହେବା ? କୁଲା ପରିକା କାନକୁ ପାତି ହାତୀ ଶୁଣିଲା ଫାଲୁଆ କଥା । ତା' ପରେ ସେ ଚୁପଚାପ ଆଗକୁ ବଢିଲା । ଜଙ୍ଗଲ ବାଟରେ ଯାଉ ଯାଉ ଦେଖିଲା ଗୋଟିଏ ଝଙ୍କାଳିଆ ଗଛର ମୋଟା ଡାଳରେ ହନୁ ମାଙ୍କଡଟିଏ ଖେଁ ଖେଁ ହେଇ ଝୁଲୁଚି । ତହୁଁ ହାତୀ କହିଲା ତୁମେ କଣ ମୋ ସାଙ୍ଗ ହେବ ? ତୁମେ ତ କେତେ ବଡ। ହେଲେ ମୋ ପରିକା ତୁମେ ଗଛ ଡାଳରେ ଝୁଲିପାରିବନି କି ଗଛର ଏ ଡାଳରୁ ସେ ଡାଳ ଡେଇଁ ପାରିବ ନାଇଁ।

ଏକଥା ଶୁଣି ହାତୀ ତୁନିତାନି ହୋଇ ଆଗକୁ ପାଦ ପକେଇଲା । ବାଟରେ ହାତୀର ଭେଟହେଲା କନକନିଆ ଡଉଲଡାଉଲ ଠେକୁଆ ସହିତ । ହାତୀ ତାକୁ ବି ପଚାରିଲା -'ତୁମେ ମୋ ବନ୍ଧୁ ହେବ କି ? ତୁମେ ସିନା ବିରାଟକାୟ ଜନ୍ତୁ ,ହେଲେ ମୋ ବିବର ଭିତରେ ତୁମେ ପଶିପାରିବ ନାଇଁ ।ଏଇଲେ କୁହତ ତୁମ ମୋର ସାଙ୍ଗ କେମିତି ହେବ ?' ଏହାପରେ ଜଙ୍ଗଲରେ କୋକୀ ଶିଆଳକୁ ହାବୁଡିଲା ହାତୀ, ପୁଣି ଭେଟିଲା ପାଣିରେ ପହଁରୁଥିବା କଇଁଛକୁ । ସେମାନେ ସମସ୍ତେ ମୁହଁମୁହେଁ ମନା କରିଦେଲେ ତା ସହିତ ସାଙ୍ଗ ହେବାକୁ । ସେମିତି ପାରା, ଗୁଣ୍ଡିଚିମୂଷା, ହରିଣ ବି ତାର ମୋଟା ଚଉଡା ପ୍ରକାଣ୍ଡ ଶରୀର ଦେଖି ସଫା ସଫା ମନା କରିଦେଲେ ତା ସହିତ ବନ୍ଧୁ ହେବା ପାଇଁ ।

ପରଦିନ ଘଂଚ ଜଙ୍ଗଲର ସବୁ ଜୀବଜନ୍ତୁ ଭୟରେ ଜଡସଡ ହେଇ ପ୍ରାଣ ବିକଳରେ ଯିଏ ଯୁଆଡେ ଧାଇଁବାକୁ ଲାଗିଲେ । ପବନ ବେଗରେ ଧାଇଁଥିବା ହରିଣକୁ ରୋକିଦେଇ ତାକୁ ପଳାଇଯିବାର କାରଣ କଣ ପଚାରିଲା ହାତୀ । ସେଉଠୁ ଗୋଟାପଣେ ଥରଥର ହେଇ ହରିଣ କହିଲା - 'ମହାବଳ ବାଘଟା ମୋ ପିଛା କରୁଚି । ମତେ ଶିକାର କରିବାକୁ ତାର ଭାରି ଇଛା।' 'ଆଛା,ତା'ହେଲେ ଏମନ୍ତ କଥା । ଏବେ ତାକୁ ପାନେ ଦେବି . . . . ହାତୀ ଗୋଦର ଭଳିଆ ପାହୁଣ୍ଡ ପକେଇ, ଶୁଣ୍ଢକୁ ଉପରକୁ ଟେକି ବାଘ ସାମନାରେ ଆସି ଛିଡା ହୋଇଗଲା । ଖୁବ୍ ନରମ ଗଳାର କହିଲା -ନିଜୋରିଆ, ଦୁର୍ବଳ ଜୀବଜନ୍ତୁଙ୍କୁ ବଳ ଦେଖାଇବା କଣ ଠିକ୍‌କଥା ? ଏଣିକି ଏମାନଙ୍କୁ ଆଉ ଶିକାର କରନି . . . . ଏ ନିରୀହ ହରିଣଟା ବିଚରା ଏ ଜଙ୍ଗଲରେ ବସବାସ କରୁଚି । ଯେମିତି ଏଇଠି ତୁମ ଘର, ସେମିତି ବି ତା ବାସସ୍ଥାନ ଏଠି । ବାଘ ରାଗିପାଚି ଏକବାରେ ନିଆଁ । ନିଆଁ ହୁଳା ପରି ଆଖି କରି ଗଜ୍ଜିଉଠି କହିଲା -ଏଣିକି ତୁ ଆଉ ମୋ ବାଟ ଓଗାଳିବୁନି କି ମୋ ରାସ୍ତାରେ ଆଉ ଯିବୁନାଇଁ । ଏକଥା ଶୁଣି ହାତୀ କି ଆଉ ସମ୍ଭଳା ପଡେ । କ୍ରୋଧରେ ଜର୍ଜରିତ ହେଇ ମହାବଳ ବାଘ ଆଡକୁ ଝାମ୍ପ ମାରିଲା । ମହାଶକ୍ତିଶାଳୀ ହାତୀକୁ ଦେଖି ବାଘର ପିଳେହିପାଣି । ଛାନିଆଁରେ ବାଘ ଖୁବ୍ ଜୋରରେ ପଳାଇଗଲା ସେଠୁ । କିଛି ଦୂରରେ ଯାଇ ଛିଡାହେଲା ଟିକେ ଦମ୍ ନେବାକୁ । ବାଘକୁ ତୀବ୍ର ବେଗରେ ପଳାଇ ଯାଉଥିବା ଦେଖି ସବୁ ଜୀବଜନ୍ତୁ ବଡ ଖୁସିରେ ନାଚିବାକୁ ଲାଗିଲେ । ଏବେ ପଶାପାଲି ଓଲଟି ସାରିଥିଲା। ସବୁ ଜୀବଜନ୍ତୁ ଏକସ୍ୱରରେ କହିଉଠିଲେ - ହାତୀ ମଉସା, ତୁମେ କେତେ ଭଲ . . . .ଏତେ ବଡ ହେଲେ କ'ଣ ହେଲା । ତମେ କଣ ସତରେ ଆମ ସହିତ ସାଙ୍ଗ ହେବ ?


+୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି , ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮


କବିତା
ତୁମ ପାଇଁ

## ପ୍ରାନ୍ୱୀପାଇଁ ନାନାବାୟା

### ନୀଳମଣି ଚାନ୍ଦ

ପ୍ରାନ୍ୱୀ ଆମର ଝାନ୍ସୀ ଯିବରେ
କହିଲେ କାନ୍ଦେନି ଆଉ
ଆଇ କହୁଥିଲେ ଆଗ ଆଖି ବୁଜି
'ଆହେ ଦୟାମୟ' ଗାଉ।
'ଜନ-ଗଣ -ମନ' ଗାଆ ସୁନା ଝିଅ
କହୁକହୁ ହୁଏ ଠିଆ
ବିରାଡ଼ିକୁ ଦେଖି ଆଉଁଷି ଦିଏରେ
ହେଲେ ଡରେ ଦେଖି ଜିଆ।
ଫୁଟିକୁ ଦେଖିଲେ ହାତଟି ବଢାଏ
କହେ ଉଟି ଯିବି ବୁଲି
ଚକୋଲେଟଟିଏ ଧରିଲେ ହାତରେ
ଖେଳଣାକୁ ଯାଏ ଭୁଲି।
ଅପା ଆଣିଥିଲେ ରାଇମ୍ ବହିଟେ
ସେଇଟିକୁ ଧରି ବସେ
ଏ ଫର୍ ଆପଲ୍ ଯେମିତି ସେ ଶୁଣେ
ଖିଲିଖିଲି ହୋଇ ହସେ।
ମନ ଖୁସିଥିଲେ ଗୁଣୁଗୁଣୁ ହୋଇ
ଗୀତ ସିଏ ଦିଏ ଗାଇ
ସମସ୍ତେ କହନ୍ତି ସୁନା ଝିଅଟାଏ
ବୀରା ରାଣୀ ଲକ୍ଷ୍ମୀବାଇ।


+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭


## ଶିଶୁଟିଏ ମୁଁ ଶିଶୁଟିଏ

### ଜନ୍ମଜୟ ନାୟକ

ବଗିଚାରେ ମୁଁ ଫୁଲଟିଏ ,
ହସିଖେଳି ମୋ ଦିନ ଯାଏ।
ଦୁନିଆ ମହକାଇଦିଏ,
ଶିଶୁଟିଏ ମୁଁ ଶିଶୁଟିଏ।

ମାଆ ପାଖେ କରଇ ଅଳି,
ତା' ପଣତେ ଖେଳଇ ଦୋଳି।
ବାପା ଆକଟେ ଡରିଯାଏ,
ଶିଶୁଟିଏ ମୁଁ ଶିଶୁଟିଏ।

ମମତା ଛୁଆଁରେ ମୋ ଖୁସି,
ଟିକେ କଥାରେ ଯାଏ ରୁଷି।
ଟିକେ ସେନେହ ଲୋଡୁଥାଏ,
ଶିଶୁଟିଏ ମୁଁ ଶିଶୁଟିଏ।

ଜହ୍ନମାମୁଁ ଦେଲେ ଦେଖି,
ଚାହିଁରହେ ତରାଟି ଆଖି।
ମନେ ପୁଲକ ଭରିଯାଏ,
ଶିଶୁଟିଏ ମୁଁ ଶିଶୁଟିଏ।

ପରୀରାଇଜର କାହାଣୀ,
ନିଏ ମୋର ମନକୁ କିଣି ।
ଚେନାଏ ହସ ଖେଳିଯାଏ,
ଶିଶୁଟିଏ ମୁଁ ଶିଶୁଟିଏ ।


+ଗଣିତ ଶିକ୍ଷକ, ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ, ଜଗତସିଂହପୁର
ମୋ: ୯୩୩୭୮୦୦୫୬୫


## ହାତୀ ଅଜା

### ରମେଶ ଚନ୍ଦ୍ର ନାୟକ

ହାତୀ ଅଜା ହାତୀ ଅଜା
ମୋ 'କଥା ଟିକେ ଶୁଣ,
ଗାଆଁକୁ ଆଉ ଆସିବ ନାହିଁ
ରହିଲା ମୋର ରାଣ ।

ହୋଇଣ ରୋଷ ଗାଆଁକୁ ଆସ
ଦଳ ବଳଙ୍କ ସାଥେ,
ଚାଷୀର କ୍ଷେତ ଖାଉଛ ଯେତେ
ନଷ୍ଟ କରୁଛ ସେତେ ।

କେତେ ଗାଆଁର ଭାଙ୍ଗୁଛ ଘର
ମଣିଷ ମାର ଦଳି,
ତୁମ ଆତଙ୍କେ ଗାଆଁର ଲୋକେ
ରହେ କବାଟ କିଳି ।

ତୋହରି ମୁଣ୍ଡ ଗଣେଶ ତୁଣ୍ଡ
ତେଣୁ ତୁ ଅଟୁ ଜ୍ଞାନୀ,
ଲକ୍ଷ୍ମୀ ବାହନ ହୋଇତୁ କିଆଁ
କରୁଛୁ ଏତେ ହାନୀ ।

ବନୀକରଣ ଯୋଜନା ମାନ
ଜଙ୍ଗଲେ ଗଛ ଚାଷ ,
ହାତୀ ଶିକାର ହୋଇବ ଦୂର
ସୁଖେ କରିବ ବାସ ।

ହେ ହାତୀ ଅଜା ବଣେ ଚାଲିଯା'
ସାଥିଙ୍କୁ ସାଥେ ଘେନି,
ହାତୀ ସୁରକ୍ଷା ଜଙ୍ଗଲ ରକ୍ଷା
ଜଗତେ ହେବ ବାଣୀ ।


+କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦.


## ଗୁଣ୍ଡୁଚି ଭାଇ

### ସୁଧାକର ରାଉତ

ଗୁଣ୍ଡୁଚି ଭାଇରେ ଗୁଣ୍ଡୁଚି ଭାଇ
କେଣେ ଯାଉଛୁ ତରତର ହୋଇ ।

ସାଙ୍ଗରେ ଯାଉଛି ତୁ ଟିକି ଛୁଆ
ହୋଇଛି ସେ କେଡେ କଉତୁକିଆ ।

ଡାଳରୁ ଡାଳ ତୁ ମାରୁଛୁ ଡିଆଁ
ହେଉନୁ ତୁ କାହିଁ ଟିକେ ଛାନିଆଁ ।

ଟିକି ଟିକି ଫଳ ହାତରେ ଧରି
ଖାଉଛୁ ପରା ମନ ଖୁସି କରି ।

ସବୁବେଳେ ତୁ ତ ସତର୍କ ଥାଉ
ବିପଦ ଆସିଲେ ଦୌଡ଼ି ପଳାଉ ।

ତୋ ଦେହଟି କେଡେ କଉତୁକିଆ
ଥରେ ହେଲେ ତୁ ମୋ ପାଖକୁ ଆ ।

କହନ୍ତୁ କଥା ତୁ ତ୍ରେତା ଯୁଗର
ଶୁଣି ଖୁସି ହୁଅନ୍ତା ମନ ମୋର ।

ଲଙ୍କାରୁ ସୀତାଙ୍କୁ ଆଣିବା ପାଇଁ
ପଣ କରିଥିଲେ ଜଗତ ସାଇଁ ।

ସମୁଦ୍ରରେ ସେତୁ ବାନ୍ଧିବା ବେଳେ
ତୋ କାର୍ଯ୍ୟ କୁ କିଏ ଭୁଲିବ ତିଳେ ।

ନିଜକୁ ତୁ ଛୋଟ ନଭାବି ମନେ
ଲାଗିଥିଲୁ ତୁ ପରା ଏକଧ୍ୟାନେ ।

ଗଡିଣ ବାଲିରେ ଦେହକୁ ତୋର
ଝାଡୁ ଥିଲୁ ବନ୍ଧେ ଥରକୁ ଥର ।

ପ୍ରଭୁ ଶ୍ରୀରାମ ତୋ କାର୍ଯ୍ୟ ପ୍ରଶଂସି
ସ୍ନେହେ ଦେଲେ ତୋର ପିଠି ଆଉଁସି ।

ସେଦିନୁ ତୋ ଦେହେ ଅଙ୍ଗୁଳି ଚିହ୍ନ
ସେ କାହାଣୀକୁ କରଇ ବୟାନ ।

ତୋ ପରି ପରର ହିତ କରିବି
ପ୍ରଭୁଙ୍କର କୃପା ବାରି ଲଭିବି ।


+ପ୍ରତାପ ନଗରୀ,କଟକ
ମୋ ୮୨୪୯୯୩୨୭୯୨


ଧାରାବାହିକ ଉପନ୍ୟାସ | ଭାଗ-୧୪

# ଗପ ହେଲେ ବି ସତ

## ରାମଚନ୍ଦ୍ର ସେଠୀ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦିନେ ସାତଟାବେଳକୁ ପ୍ରତାପ ଗାଆଁ ସେପାଖେ ଗୋଟେ ପଥର ଉପରେ ବସିଥିଲି। ଭାବିଥିଲି ବିପତ୍ତି ପଡ଼ିଲେ ଧାଇଁ ଧାଇଁ ଯାଇ ଗାଆଁ ଭିତରେ ପଶିଯିବି। ଶୁଣୁଥିଲି ଚଢ଼େଇଙ୍କ ଗୀତ ବଣକୁ କୁଡ଼ାର କକ୍‌ରେ... କ ଡାକ। ହଠାତ୍ ମୋ ସାମନା ବାଟ ଉପରକୁ ଉଠିଲା ଗୋଟେ ଗୟଳ। ମତେ ଅନେଇଲା। ମୁଁ ବସିବା ଜାଗାରୁ ଉଠିପଡ଼ିଲି। କାରଣ ଗୟଳ ମାନଙ୍କର ଗୋଠ ଥାଏ। ଏମାନେ ଯେମିତି ବଳୁଆ ସେମିତି ନୃଶଂସ। ଏମାନେ ମହାବଳ ବାଘକୁ ଡରନ୍ତିନି। ଗୋଟିଏ ପୁରୁଷ ଗୟଳ ଗୋଟିଏ ବାଘକୁ ଶିଙ୍ଗରେ ଦଶଫୁଟ ଉଚ୍ଚକୁ ଫିଙ୍ଗିପାରେ। ବଣରେ ମୋର ଭୟ ଥାଏ କେବଳ ଏଇ ଗୟଳକୁ ବାଘ, ଭାଲୁ, ବଣମଇଁଷି, ଦନ୍ତା, ବାର୍‌ହା, ଆଉ ଚଉଶିଙ୍ଗାକୁ ସେମାନେ ସେଇ ପାଖଆଖରେ କାଳେହେଁ ଥିବେ ଭାବି ବଣରେ ନପଶି ମୁଁ ଫେରି ଆସିଲି।

ମୁଁ ଯେଉଁ ପାଦଚଲା ବାଟଦେଇ ଛଅ କିଲୋମିଟର ଯାଏ ବଣରେ ପଶି ଯାଉଥିଲି ସେଇ ବାଟଟାକୁ ଖରାଦିନେ ଲୋକମାନେ ସଫାକରି ଶଗଡ଼ଗାଡ଼ି ଗଲାପରି ବାଟ ପଠିଦେଇ ଦେଉଥିଲେ।

ବରବରା ଜଙ୍ଗଲରୁ ଶାଗୁଆନ କାଠଗଣ୍ଡି ଶଗଡ଼ଗାଡ଼ିରେ ତଳପଟେ ବାନ୍ଧି ଲୋକେ ବାଲୁଗାଁ କାଠକଳକୁ ନେଉଥିଲେ। ଦୀର୍ଘ ତିରିଶ କିଲୋମିଟର କାଠଗଣ୍ଡିଟାକୁ ବୋହି ନେବାପାଇଁ ପାରିଶ୍ରମିକ ମିଳୁଥିଲା ମାତ୍ର ଦଶଟଙ୍କା। ବାଟରେ ପୁଣି ମହାବଳ ବାଘର ଉତ୍ପାତ। ଶଗଡ଼ଗାଡ଼ି ଉପରୁ ଶଗଡ଼ିଆକୁ ବାଘ ଝାମ୍ପିନିଏ। ଶଗଡ଼ରେ ବନ୍ଧା ଯାଇଥିବା ବଳଦଙ୍କୁ ମାଡ଼ିବସେ। ତେଣୁ ଶଗଡ଼ିଆମାନେ ଶଗଡ଼ରେ ବଳଦ ନବାନ୍ଧି ପଣ୍ଡାପୋଡୁଅ ବାନ୍ଧନ୍ତି। ପୁଣି ଜୁଆଳିରେ ସେମାନଙ୍କ ବେକ ନ ବାନ୍ଧି ପଘା ଖୋଲାଥାଏ। ପଣ୍ଡାପୋତ ଚାହିଁଲେ ଜୁଆଳିରୁ ହଠାତ୍ ମୁକୁଳି ପାରନ୍ତି। ଶଗଡ଼ ଉପରେ ଗୁଡୁ ଶଗଡ଼ ପରି ଗୋଟେ ଅତି ଛୋଟ ଆବରଣ ଥାଏ। ତାର ମୁଣ୍ଡପଟଟା ଖୋଲା ଓ ଗୋଡ଼ପଟଟା ବନ୍ଦ। ସେଇ ଭିତରେ ଶଗଡ଼ିଆମାନେ ପେଟେଇପେଟେଇ ପଛେଇ ପଛେଇ ପଶନ୍ତି। ଶାପମାନେ ଗାତରୁ ପଦାକୁ ମୁହଁ କାଢ଼ିଲାପରି ସେମାନଙ୍କ ମୁଣ୍ଡଟା ପଦାକୁ ସାମାନ୍ୟ ଦିଶୁଥାଏ।

(କ୍ରମଶଃ)


ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

# ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦଳୀୟ ପ୍ରଚାର ପାଇଁ ବ୍ୟବହାର କରୁଛନ୍ତି ସରକାର: ସ୍ମୃତି ପଟ୍ଟନାୟକ

ଭୁବନେଶ୍ୱର,୭/୧୦ (ନି.ପ୍ର): ଓଡ଼ିଶାରେ ମିଶନଶକ୍ତି ପଥଭ୍ରଷ୍ଟ ହୋଇଛି। ନାରୀ ସଶକ୍ତିକରଣ ନାଁରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଶାସକ ବିଜୁ ଜନତା ଦଳର କର୍ମୀଭାବେ ବ୍ୟବହାର କରାଯାଉଛି ବୋଲି ବିଜେପି ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି।
ସେ କହିଛନ୍ତି ଅନେକ ସମୟରେ ଶାସକ ଦଳର ଦଳୀୟ ସଭାସମିତି, ସରକାରୀ ସଭା ଓ ନିର୍ବାଚନ ସମୟରେ ମଧ ଏସଏଚଜି ସଦସ୍ୟାମାନଙ୍କୁ ବିଜେଡିର ଦଳୀୟ ରଙ୍ଗ ସବୁଜ ଶାଢ଼ି ପିନ୍ଧାଇ ଦଳୀୟ ପତାକା ଧରାଇ ଦଳୀୟ କର୍ମୀଭାବେ ତାଙ୍କୁ ବ୍ୟବହାର କରାଯାଉଥିବାର ଅନେକ ନଜିର ରହିଛି। ଏପରିକି ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ପଦାରେ ପଡିଯିବା ସମୟରେ ତଥା ଦୁଷ୍କର୍ମ, ହତ୍ୟା, ଅପରାଧ ଘଟଣାରେ ସଂପୃକ୍ତ ମନ୍ତ୍ରୀ, ବିଧାୟକମାନଙ୍କର ଅପରାଧ ଘଟଣାକୁ ଘଂଟ ଘୋଡାଇବା ଉଦ୍ଦେଶ୍ୟରେ ସରକାରଙ୍କ ଅନ୍ୟାୟ, ଅନିତୀ ସପକ୍ଷରେ ପ୍ରାୟୋଜିତ ସଭାସମିତିରେ ତାଙ୍କୁ ଛିଡା କରାଇବାକୁ ପଛାଉନାହାନ୍ତି ରାଜ୍ୟ ସରକାର। ସ୍ୱୟଂ ସହାୟିକା ଗୋଷ୍ଠୀଙ୍କର ଦକ୍ଷତା ବିକାଶ ନିମନ୍ତେ ତାଙ୍କୁ ବିଭିନ୍ନ କ୍ଷେତ୍ରପାଇଁ ପ୍ରଶିକ୍ଷିଣ ଦିଆ ଯାଉନାହିଁ। ଅଥଚ ସେମାନଙ୍କୁ ମିଶନଶକ୍ତିର ସଭା ନାଁରେ ସରକାରୀ ଖର୍ଚ୍ଚରେ ସଭାକୁ ଡାକି ମନ୍ତ୍ରୀ, ବିଧାୟକମାନେ ତାଙ୍କ ସମ୍ମୁଖରେ ବିଜୁ ଜନତା ଦଳର ଗାଥା କେବଳ ଗାଉଛନ୍ତି। ଏହାଦ୍ୱାରା ତାଙ୍କର କେଉଁ ଦକ୍ଷତାର ବିକାଶ ହେଉଛି ବୋଲି ରାଜ୍ୟ ସରକାର ସାଧାରଣରେ ଜବାବ ରଖିବା ପାଇଁ ଶ୍ରୀମତୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି।
ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ନିର୍ମାଣ ଓ ସଶକ୍ତିକରଣ ପାଇଁ ଗୋଷ୍ଠୀ ଗୁଡିକୁ ପ୍ରଥମେ ପ୍ରଶିକ୍ଷଣ, ପ୍ରୋତ୍ସାହନ ଓ ସ୍ୱଳ୍ପ ସୁଧରେ ବ୍ୟାଙ୍କ ଋଣ ସୁବିଧା ଯୋଗାଇ ଆତ୍ମନିର୍ଭରଶୀଳ କରିବାର ଉଦ୍ୟମ କରାଯାଇଛି। ସେଥିପାଇଁ କେନ୍ଦ୍ର ସରକାର ଅନେକ ଯୋଜନା, ଅର୍ଥ ବ୍ୟବସ୍ଥା କରିଥିବାବେଳେ ଓଡ଼ିଶାରେ ରାଜ୍ୟ ସରକାର ମିଶନଶକ୍ତିକୁ ଅପବ୍ୟବହାର କରୁଛନ୍ତି। ମିଶନଶକ୍ତି ମାଧ୍ୟମରେ ପ୍ରଶାସନିକ ଚାପ ପ୍ରୟୋଗ କରି ମହିଳା ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କୁ ଦଳୀୟ କାର୍ଯ୍ୟରେ ଲିପ୍ତ କରି ବିଜୁ ଜନତା ଦଳର ସଭାସମିତିକୁ ସଶକ୍ତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଅଗଣତାନ୍ତ୍ରିକ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି। ଯାହାକି ଓଡ଼ିଶାର ନାରୀଶକ୍ତିର ଦକ୍ଷତା ଓ ମାନସିକତାକୁ ସଂକୁଚିତ କରି ତାଙ୍କୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଗଣ୍ଡି ଭିତରେ ସୀମାବଦ୍ଧ କରି ରଖିବାର ଅପଚେଷ୍ଟା କରୁଛନ୍ତି ରାଜ୍ୟ ସରକାର। ତରବରିଆଭାବେ ଆସନ୍ତା ୮ତାରିଖରେ ନିମାପଡାଠାରେ ମିଶନଶକ୍ତି ମାଧ୍ୟମରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କର ଏକ ସଭା କରିବାକୁ ଡାକିଛନ୍ତି ରାଜ୍ୟ ସରକାର। ନଗଦରେ ଜିଲ୍ଲା ପରିଷଦ ସଭ୍ୟ ସ୍ୱର୍ଗତଃ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣା ପଛରେ ଗଣଶିକ୍ଷାମନ୍ତ୍ରୀଙ୍କ ସଂପୃକ୍ତି ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ସେଥିରେ ପାଣିପକାଇ ମନ୍ତ୍ରୀ ସମୀର ଦାଶଙ୍କୁ ଘଂଟ ଘୋଡାଇବାର ଅପପ୍ରୟାସ କରୁଛି ବିଜେଡି ସରକାର । ରାଜନୈତିକ ଉଦ୍ଦେଶ୍ୟରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବ୍ୟବହାର କରାନଯାଉ ଏବଂ ଏଭଳି ରାଜନୈତିକ ଉଦ୍ଦେଶ୍ୟରେ ହେଉଥିବା ସଭା ସମିତିରୁ ଓଡ଼ିଶା ମିଶନଶକ୍ତି ଦୂରେଇ ରହିବାକୁ ଶ୍ରୀମତୀ ପଟ୍ଟନାୟକ କଡା ଚେତାବନୀ ଦେଇଛନ୍ତି।

# ଚିଲିକାରେ ଭସାପୋଲ ସେବା ବନ୍ଦ, ପୁଣି ଘରୋଇ ଡଙ୍ଗାରେ ବିପଜ୍ଜନକ ଯାତ୍ରା



ବ୍ରହ୍ମଗିରି ,୭/୧୦ (ନି.ପ୍ର): ଚିଲିକାରେ ଭସାପୋଲ ସେବା ବନ୍ଦ ରହିଛି। ଗତ କିଛି ଦିନ ହେଲା ଗୋଟିଏ ଭସାପୋଲ ବନ୍ଦ ଥିବା ବେଳେ ଗୋଟିକରେ ସେବା ଚାଲିଥିଲା। କିନ୍ତୁ ଏବେ ଦୁଇଟିଯାକ ଭସାପୋଲ ବନ୍ଦ ହୋଇ ପଡ଼ିଛି। ଫଳରେ ଯାତ୍ରୀ ପରିବହନ ସେବା ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ଏବେ ଘରୋଇ ଡଙ୍ଗାରେ ଚାଲିଛି। ଦୀର୍ଘ ୪ ଦିନ ହେଲାଣି ଦୁଇଟି ଯାକ ଭସାପୋଲ ବନ୍ଦ ଯୋଗୁ ପୁରୀରୁ ବ୍ରହ୍ମପୁରକୁ ଯାଉଥିବା ଦୁଇଟି ଯାତ୍ରୀବାହୀ ବସ୍ ସେବା ବନ୍ଦ ପଡ଼ିଛି। ଅନ୍ୟପଟେ କୃଷ୍ଣପ୍ରସାଦ ବ୍ଲକ୍‌ରୁ ସାତପଡ଼ା ଘାଟକୁ ଯାତ୍ରୀ ପରିବହନ ମଧ ଘୋର ବାଧାପ୍ରାପ୍ତ ହୋଇଛି।
ଚିଲିକାରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଚାଲିଥିବା ଏହି ଭସାପୋଲ ଚିଲିକା ମଧ୍ୟରେ ଥିବା ବହୁ ପଞ୍ଚାୟତବାସୀଙ୍କ ପାଇଁ ଦୀର୍ଘ ବର୍ଷ ଧରି ଜୀବନ ରେଖା ସାଜିଛି। କିନ୍ତୁ ଏବେ ଏହି ସେବା ବନ୍ଦ ହୋଇଯିବା ଫଳରେ ଯାତ୍ରୀ ଅନ୍ୟ ଉପାୟ ନପାଇ ଘରୋଇ ଡଙ୍ଗାରେ ବିପଜ୍ଜନକ ଭାବେ ଯାତାୟାତ କରୁଛନ୍ତି। ଜୀବନକୁ ବାଜି ଲଗାଇ ଘରୋଇ ଡଙ୍ଗାରେ ଯାତ୍ରୀ ପରିବହନ ଚାଲିଛି। କ୍ଷମତାଠାରୁ ଚାରିଗୁଣା ଯାତ୍ରୀ ପରିବହନ ଚାଲିଛି। କେବଳ ସେତିକି ନୁହେଁ, ସରକାରୀ ଧାର୍ଯ୍ୟ ଦରଠାରୁ ୫ ଗୁଣା ଯାତ୍ରୀ ଭଡ଼ା ମଧ ଆଦାୟ ଚାଲିଛି। ସିଡିଏ କର୍ତ୍ତୃପକ୍ଷଙ୍କ ଯୁକ୍ତି ହେଲା ଦୁଇଟି ଭସାପୋଲ ଖରାପ ହୋଇଛି। ଯାନ୍ତ୍ରୀକ ଟିମ୍ ଆସି କାମ କରୁଛନ୍ତି। ଆଉ ଦିନେ ଦୁଇ ଦିନ ମଧ୍ୟରେ ଗୋଟିଏ ଭସାପୋଲ ଠିକ ହୋଇଯିବ। ତେଣୁ ଖୁବ୍ ଶୀଘ୍ର ଯାତ୍ରୀ ପରିବହନ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି।
ଏବେ ଚିଲିକାରେ ଧର୍ମକୁ ଆଖିଠାର ଭଳି ଭସାପୋଲ ସେବା ଚାଲିଛି। ସରକାର ଓ ପ୍ରଶାସନର ନାକ ତଳେ ଅତ୍ୟନ୍ତ ବିପଦସଙ୍କୁଳ ଯାତ୍ରୀ ପରିବହନ ଚାଲିଛି। ଭସାପୋଲରେ ଯାତ୍ରୀ ପରିବହନ ଏକ ପ୍ରହସନରେ ପରିଣତ ହୋଇଥିବା ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି। ନିକଟରେ ଡଙ୍ଗା ବୁଡି ଦୁଇ ଜଣ ଯାତ୍ରୀଙ୍କ ଜୀବନ ଯାଇଛି। ସାତପଡା ଘାଟରୁ ଜହ୍ନିକୁଦା ଘାଟକୁ ଦୀର୍ଘ ୫ କିଲୋମିଟର ଜଳପଥରେ ଯାତ୍ରୀଙ୍କ ଜୀବନ ବାଜିରେ ଲାଗିଛି।

# ୧୬ଟି ଜିଲ୍ଲାରୁ ଆଜି ୬୩ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୭/୧୦ (ନି.ପ୍ର): ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଶହେ ତଳେ ରହିଛି। ଗତକାଲି ୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୬୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨୬ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୧୬ଟି ଜିଲ୍ଲାରୁ ୬୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।
ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୬, ବରଗଡ଼ରୁ ୪, ବଲାଙ୍ଗୀରୁ ୧, କଟକରୁ ୮ ଜଣ, ଜଗତସିଂହପୁରରୁ ୧ ଜଣ, ଯାଜପୁରରୁ ୩ ଜଣ, ଝାରସୁଗୁଡ଼ାରୁ ୧, କଳାହାଣ୍ଡିରୁ ୧, କେନ୍ଦ୍ରାପଡ଼ାରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୬, ମୟୂରଭଞ୍ଜରୁ ୧, ନୟାଗଡ଼ରୁ ୪, ନୂଆପଡ଼ାରୁ ୫, ପୁରୀରୁ ୬ ଜଣ, ସମ୍ବଲପୁରରୁ ୨ ଜଣ, ସୁନ୍ଦରଗଡ଼ରୁ୧୧ ଜଣ ଓ ଷ୍ଟେଟପୁଲରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୩୪, ୭୦୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୩, ୨୪, ୭୩୬ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୭୧୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା 'ସ୍ଥାନ ଭିତ୍ତିକ ଗବେଷଣା ସଂକଳନ'ର ଉନ୍ମୋଚନ

ଭୁବନେଶ୍ୱର,୭/୧୦ (ନି.ପ୍ର): ଗୋପବନ୍ଧୁ ପ୍ରଶାସନିକ ଏକାଡ଼େମୀର ଉତ୍କର୍ଷ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ପ୍ରଥମ ସ୍ଥାନ ଭିତିକ ଗବେଷଣା ସଂକଳନକୁ ଆଜି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଉନ୍ମୋଚନ କରିଛନ୍ତି । ଏଥି ପାଇଁ ରାଜ୍ୟ ଲୋକସେବା ଭବନ ସଭାଗୃହରେ ଆୟୋଜିତ ବୈଠକରେ ଗୋପବନ୍ଧୁ ଏକାଡ଼େମୀର ମହା ନିର୍ଦ୍ଦେଶକ ଶ୍ରୀମତୀ ରଂଜନା ଚୋପ୍ରା ଏବଂ ୟୁନିସେଫ୍ ର ରାଜ୍ୟ ମୁଖ୍ୟ ଡ଼ଃ ମୋନିକା ନିଲେସନ୍ ଯୋଗ ଦେଇଥିଲେ ।
ଉତ୍କର୍ଷ କେନ୍ଦ୍ରର ଏତାଦୃଶ ସୃଜନାତ୍ମକ ପ୍ରଚେଷ୍ଟା ପାଇଁ ଗବେଷକମାନଙ୍କୁ ସାଧୁବାଦ ଜଣାଇବା ସହ ରାଜ୍ୟର ବିଭିନ୍ନ ଅଂଚଳରେ ଏ ପ୍ରକାର ଅଧ୍ୟୟନ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ। ଏସବୁ ଅଧ୍ୟୟନ ମାଧ୍ୟମରେ ଜନ-ସମୁଦାୟମାନଙ୍କର ଆବଶ୍ୟକତା, ଆକାଂକ୍ଷା ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଥିବା କ୍ଷେତ୍ରସ୍ତରୀୟ ଗୁରୁତ୍ୱପୂର୍ଣ୍ଣ-ଶୂନ୍ୟତା (କ୍ରିଟିକାଲ୍ ଗ୍ୟାପ୍) ଆଦି ଜାଣି ହେବ । ଅଧ୍ୟୟନର ଫଳାଫଳ ଅଧିକାରୀମାନଙ୍କ ତାଲିମ ନିମନ୍ତେ ଅତି ଉପାଦେୟ ଦେବା ସହ ଏବଂ ଅନ୍ୟତ୍ର ପ୍ରୟୋଗ ନିମନ୍ତେ ବିଭିନ୍ନ ପ୍ରକଳ୍ପ ନମୁନା ପ୍ରସ୍ତୁତିରେ ସହାୟକ ହେବ। ଅଧ୍ୟୟନରୁ ପ୍ରାପ୍ତ ତଥ୍ୟ ଓ ଉପସଂହାର ବିଷୟରେ ସଂପୃକ୍ତ ବିଭାଗମାନଙ୍କ ସହ ଆଲୋଚନାତ୍ମକ ଅନୁଶୀଳନ କରିବା ପାଇଁ ମଧ ମୁଖ୍ୟ ଶାସନ ସଚିବ ଗୋପବନ୍ଧୁ ଏକାଡ଼େମୀଙ୍କୁ ପରାମର୍ଶ ଦେଇଥିଲେ । ଏହା କ୍ଷେତ୍ରସ୍ତରୀୟ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସହଯୋଗିତା-ଭିତିକ ଯୋଜନା ଓ ପ୍ରକଳ୍ପ ପ୍ରସ୍ତୁତି ଦିଗରେ ସହାୟକ ହେବ ।
ମହା ନିର୍ଦ୍ଦେଶ ଶ୍ରୀମତୀ ଚୋପ୍ରା କହିଥିଲେ ଯେ ରାଜ୍ୟ ସରକାରଙ୍କ ପାଣ୍ଠି ଏବଂ ୟୁନିସେଫ୍‌ଙ୍କ ବୈଷୟିକ ସହଯୋଗିତାରେ ୨୦୨୧ ମସିହାରୁ ଗୋପବନ୍ଧୁ ଏକାଡ଼େମୀର ଉତ୍କର୍ଷ କେନ୍ଦ୍ର ରାଜ୍ୟ ତାଲିମ ନିୟାମକ ଅନୁସାରେ କାର୍ଯ୍ୟ କରୁଛି। ଏହାର ପ୍ରଥମ ସଂକଳନ ବର୍ତମାନ ପ୍ରକାଶିତ ହେଲା। ଏହି ସଂକଳନ ଉଭୟ ଉନ୍ନୟନମୂଳକ-ପ୍ରଶାସନ ଏବଂ ଅଧିକାରୀ ମାନଙ୍କ ତାଲିମର ଗୁଣାତ୍ମକ ବିକାଶରେ ବ୍ୟବହୃତ ହେବ।
ଉତ୍କର୍ଷ କେନ୍ଦ୍ରର ନିର୍ଦ୍ଦେଶକ ଡ଼ଃ ଶଶାଙ୍କ ଗ୍ରହାଚାର୍ଯ୍ୟ କହିଥିଲେ ଯେ ବିବିଧ ବିଷୟରେ ୧୯ ଟି ଫଳାଫଳ ଭିତିକ ଗବେଷଣା ଏହି ସଂକଳନରେ ସ୍ଥାନିତ ହୋଇଛି। ଆଦର୍ଶ ବିଦ୍ୟାଳୟର କାର୍ଯ୍ୟକାରିତା, ମହିଳା ବୁଣାକାରଙ୍କ ରୋଜଗାର ଉପରେ କୋଭିଡ୍-୧୯ ର ପ୍ରଭାବ, ସିକଲ୍ ସେଲ୍ର ପ୍ରଥମାବସ୍ଥାରୁ ନିର୍ଣ୍ଣୟ ଓ ଚିକିତ୍ସା , ଉପକୂଳ ଅଂଚଳରେ ମତ୍ସ୍ୟଜୀବୀ ସମୁଦାୟ, ମାନସିକ ଅନଗ୍ରସର ପିଲାମାନଙ୍କର ଯତ୍ନ ଓ ଶିକ୍ଷା, ସ୍ୱାଧାର ଗୃହର କାର୍ଯ୍ୟକାରିତା, କିଶୋରୀମାନଙ୍କ ମଧ୍ୟରେ ରକ୍ତହୀନତା, ଧାନ ସଂଗ୍ରହ, ଅପପୁଷ୍ଟିର ସମାଧାନ, ବନ୍ୟଜନ୍ତୁ ଶିକାର ନିରାକରଣ, ଜନସମୁଦାୟ ସ୍ତରରେ ନୂତନ ଜିବୀକା ନିର୍ବାହ ପନ୍ଥା ଆଦି ପ୍ରମୁଖ ବିଷୟ ଏଥିରେ ସ୍ଥାନିତ ହୋଇଛି । ଡ଼ଃ ଶଶାଙ୍କ ଗ୍ରହାଚାର୍ଯ୍ୟ, ପଦ୍ମଜା ପତି, ସୌମ୍ୟ ବାନାର୍ଜୀ, ରଶ୍ମିତା ବେହେରା ଏବଂ ଅମର୍ତ୍ତ୍ୟ କ୍ରିଷ୍ଣା ରାୟ ଆଦି ଗବେଷକମାନଙ୍କୁ ନେଇ ଗଠିତ ଉତ୍କର୍ଷ କେନ୍ଦ୍ରର ଗବେଷଣା ଟିମ୍‌ଙ୍କ ଦ୍ୱାରା ଏହି ଅଧ୍ୟୟନ କରାଯାଇଛି। ସଂକଳନଟିକୁ ଗୋପବନ୍ଧୁ ପ୍ରଶାସନିକ ଏକାଡ଼େମୀ ଏବଂ ୟୁନିସେଫ୍‌ଙ୍କ ଦ୍ୱାରା ଯୌଥ ଭାବେ ପ୍ରକାଶନ କରାଯାଇଛି।

# ସବ୍‌ରେଜିଷ୍ଟାର ଅଫିସ୍ ନିକଟରେ ଦଲାଲ ସକ୍ରିୟ

ପୁରୀ,୭/୧୦ (ନି.ପ୍ର): ଗତ କିଛିଦିନ ହେଲାଣି ପୁରୀ ଜିଲ୍ଲା ସବ୍‌ରେଜିଷ୍ଟାର କାର୍ଯ୍ୟାଳୟ ନିକଟରେ କେତେକ ଦଲାଲ ସକ୍ରିୟ ହୋଇ କ୍ରେତା ବିକ୍ରେତାଙ୍କୁ ପ୍ରଭାବିତ କରି ଲକ୍ଷ ଲକ୍ଷ ଟଙ୍କା ମୁନାଫା ନେଉଥିବା ଅଭିଯୋଗ ହେଉଛି। ଜମି କିଣା ବିକାରେ ପିସି ନେବାସହ କେତେକ କର୍ମଚାରୀଙ୍କୁ ହାତକରି ଦଲିଲ୍ ହସ୍ତଗତ କରୁଥିବା ଦେଖିବାକୁ ମିଳୁଛି। ଏପରିକି କେତେକ କର୍ମଚାରୀ ଓକିଲ, ମୋହରିରଙ୍କ ଜରିଆରେ ଜମି ରେଜେଷ୍ଟି ନକରି ସିଧାସଳଖ ଜମି ରେଜିଷ୍ଟି କରି ହାତ ଚିକ୍କଣ କରୁଥିବା ଅଭିଯୋଗ ହେଉଛି। କେତେକ ବିଲଡ଼ର ଅଫିସରେ ପାଣି ପିଇବା ପାଇଁ ୧୨ ଲକ୍ଷ ଟଙ୍କାର ମେସିନ ଦାନ କରୁଥିବା ଅଭିଯୋଗ ହେଉଛି। ବିଲଡ଼ରମାନେ କର୍ମଚାରୀଙ୍କୁ ହାତବାରିସ କରି କୋଟି କୋଟି ଟଙ୍କା ମୁନାଫା ନେଉଥିବାବେଳେ କ୍ରେତା ଅଧିକ ଖର୍ଚ୍ଚାନ୍ତ ହେଉଥିବା ଆଲୋଚନା ହେଉଛି। କେତେକ ମୌଜାରେ ଜମି ବିକ୍ରିପାଇଁ ଲକ୍ ପଡ଼ିଥିବାବେଳେ ସାଙ୍ଗେ ସାଙ୍ଗେ ଲକ୍ ଖୋଲି ରେଜେଷ୍ଟି କରିବା ପରେ ଲକ୍ ପଡ଼ିଯାଉଥିବା କେତେକ ଆଇନଜୀବୀ ଆଲେଚନା କରୁଛନ୍ତି। କାର୍ଯ୍ୟରତ କର୍ମଚାରୀମାନେ ଲକ୍ଷାଧିକ ଟଙ୍କାର ଗାଡ଼ି ଚାଲଉଥିବାବେଳେ ଅନେକ ଜାଗାବାଡ଼ି ସଂପର୍କୀୟଙ୍କ ନାମରେ କିଣୁଥିବାବେଳେ ଏ ସଂପର୍କରେ ଭିଜିଲାନ୍ସ ଖୋଳତାଡ଼ ଆରମ୍ଭ ହେଲେ ଅନେକ ଘଟଣା ଲୋକଲୋଚନକୁ ଆସିପାରିବବୋଲି କଚେରି ଛକରେ ଆଲେଚନା ହେଉଛି।

# ଋଣ ଭାର ସହି ନ ପାରି ଜୀବନ ହାରିଲେ ଟ୍ରକ ମାଲିକ



ତେଲକୋଇ,୭/୧୦ (ନି.ପ୍ର): ଋଣ ଭାର ସହି ପାରିଲେ ନାହିଁ, ଶେଷରେ ଜୀବନ ହାରିଲେ ଟ୍ରକ ମାଲିକ। ଏପରି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଛାମୁଣ୍ଡା ଗ୍ରାମରେ। ସୂଚନା ଅନୁଯାୟୀ, ଛାମୁଣ୍ଡା ଗ୍ରାମର ସ୍ୱର୍ଗତ ଦୁଃଖୀଶ୍ୟାମ ମହାକୁଡ଼ଙ୍କ ପୁଅ ମୁକୁନ୍ଦ ମହାକୁଡ଼ ରୋଜଗାର ପାଇଁ ସେ ଏକ ୧୨ଚକିଆ ଟ୍ରକ କିଣି ଚଳାଉଥିଲେ। ସବୁ ଠିକଠାକ ଥିଲା, କିନ୍ତୁ କିଛି ମାସ ହେଲାଣି ମାଇନ୍ସ ଚାଲୁ ନ ଥିବାରୁ ଟ୍ରକ ଚାଲି ପାରୁନଥିଲା। ଏହାଫଳରେ ଟ୍ରକରୁ କୌଣସି ରୋଜଗାର ହୋଇପାରୁନଥିଲା। ଏହାଫଳରେ ମୁକୁନ୍ଦ ଚାପରେ ଥିଲେ। ଅନ୍ୟପଟେ ଯେଉଁ ସଂସ୍ଥାରୁ ଋଣ ଆଣି ଟ୍ରକ କିଣିଥିଲେ ସେହି ସଂସ୍ଥା ବାରମ୍ବାର କିସ୍ତି ପାଇଁ ତାଗିଦ କରୁଥିଲା, ଏପରିକି ତାଙ୍କର ଜାଗାବାଡ଼ି ବିକ୍ରି କରି କିଛି ଋଣ ଶୁଝିଥିଲେ। ଏବେ ବି ଋଣ ସଂସ୍ଥା ପୁଣି ତାଗିଦ କରୁଥିଲା। ଅନ୍ୟ ଉପାୟ ନପାଇ ନିଜ ଘରଆଗରେ ଥିବା ବିଦ୍ୟୁତ ଖୁଣ୍ଟ ତାରରେ ମୁକୁନ୍ଦ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଆଜି ସକାଳୁ ତାଙ୍କୁ ଝୁଲୁଥିବା ଅବସ୍ଥାରେ ଲୋକେ ଦେଖିଥିଲେ। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଘୁଞ୍ଚିଲା ଗୋସାଣି ଯାତ: ଭାଙ୍ଗିଲା ପରମ୍ପରା



ପୁରୀ,୭/୧୦ (ନି.ପ୍ର): ଲଘୁଚାପଜନିତ ଲଗାଣ ବର୍ଷା କାରଣରୁ ଆଜିର ଗୋସାଣୀ ଯାତ୍ରାକୁ ଘୁଞ୍ଚାଇ ଦିଆଯାଇଛି। ଗୋସାଣୀ ପାଇଁ ଆଜି ସଂଧ୍ୟାରେ ସମସ୍ତ ଦୁର୍ଗାମେଢ଼ ଶ୍ରୀମନ୍ଦିର ସିଂହଦ୍ୱାରରେ ଏକାଠି ହେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି, ଯେହେତୁ ବର୍ଷା ଲାଗି ରହିଥିଲା, ସେ ଦୃଷ୍ଟିରୁ ସବୁ ସାହିରୁ ଶ୍ରୀମନ୍ଦିର ସିଂହଦ୍ୱାରକୁ ଦୁର୍ଗାମେଢ଼ ଆସିବା ସମ୍ଭବ ନ ଥିଲା। ବାରବାଟୀ ଜାଗା ଭଳି ବଡ଼ବଡ଼ ଦୁର୍ଗାମେଢ଼ ବର୍ଷାରେ ଆଣିବା କଷ୍ଟକର ଥିଲା। ସବୁ ସାହି କମିଟିଙ୍କ ଅନୁରୋଧକ୍ରମେ ଆଜିର ଗୋସାଣୀ ଯାତ୍ରାକୁ ଶୁକ୍ରବାରକୁ ଘୁଞ୍ଚାଇଯାଇଛି। ଶୁକ୍ରବାର ସିଂହଦ୍ୱାରରେ ସମସ୍ତ ମେଢ଼ ଏକାଠି ହେବାପରେ ଶୋଭାଯାତ୍ରା ସହକାରେ ବିସର୍ଜନ କରିବାକୁ ଯିବେ। ଏ ନେଇ ଗୁରୁବାର ଦିନ ସିଂହଦ୍ୱାରକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଦୁର୍ଗାମେଢ଼ ରହିବା ପାଇଁ ଖୋଲା ସ୍ଥାନ ତିଆରି କରାଯାଇଛି। ଅନ୍ୟପଟେ ଅନେକ ଏହାକୁ ପରମ୍ପରା ଭଙ୍ଗ ବୋଲି ଅଭିଯୋଗ କରିଛନ୍ତି। ମୁକ୍ତିମଣ୍ଡପ ପଣ୍ଡିତସଭାର ବରିଷ୍ଠ ପଣ୍ଡିତ ତଥା ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ମୁଖ୍ୟ ଉପଦେଷ୍ଟା ଦୁର୍ଗାପ୍ରସାଦ ମହପାତ୍ର କହିଛନ୍ତି, ଗୋସାଣୀ ଯାତ୍ରା ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା। ସିଂହଦ୍ୱାରରେ ସମସ୍ତ ମେଢ଼ ଏକାଠି ହେବା ଏବଂ ଏକାଠି ବିସର୍ଜନ ପାଇଁ ଯିବା ଏକ ନିଆରା ପରିବେଶ ତିଆରି କରେ। ପୀଠ ଠାକୁରାଣୀଙ୍କ କେବେ ବି ପରମ୍ପରା ଭଙ୍ଗ ହୋଇନି। କାକୁଡ଼ିଖାଇଙ୍କ ଦୁର୍ଗାମେଢ଼ ବିସର୍ଜନ ପରଦିନ ଅନ୍ୟ ମେଢ଼ ବିସର୍ଜନ ହେବାର ବିଧି ରହିଛି। ଗତକାଲି କାକୁଡ଼ିଖାଇଙ୍କ ଦୁର୍ଗାମେଢ଼ ବିସର୍ଜନ ସରିଛି। ଏଣୁ ଆଜି ହିଁ ଗୋସାଣୀ ଯାତ୍ରା ହେବାର ବିଧି ଥିଲା। ଧର୍ମକୁ ଆଧାର କରି ସବୁ ଚାଲିଛି। କିନ୍ତୁ, ଏଠି ଧର୍ମ ଗୋଟେପଟେ ଓ ପ୍ରଶାସନ ଗୋଟେପଟେ ଚାଲିଛି। ଧର୍ମ ଓ ପ୍ରଶାସନ ଭିତରେ ବିଭେଦ ପାଇଁ ଆଜି ଏହି ପରମ୍ପରା ଭଙ୍ଗ ହୋଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

# ରାଜ୍ୟସ୍ତରୀୟ କ୍ୱାନକିଡୋ ମାର୍ଶାଲ ଆର୍ଟ ଚମ୍ପିୟାନସିପ୍ : ଦାରିଙ୍ଗବାଡ଼ିର ୧୨ ଜଣ ଛାତ୍ରଛାତ୍ରୀଙ୍କ ପଦକ ହାସଲ

କନ୍ଧମାଳ ,୭/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକ କ୍ୱାନକିଡୋ ମାର୍ଶାଲ ଆର୍ଟ ଆସୋସିଏସନ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କ୍ୱାନକିଡୋ ମାର୍ଶାଲ ଆର୍ଟ ଚମ୍ପିୟାନସିପ ପ୍ରତିଯୋଗିତାରେ ଭାଗ ନେଇ ୧୨ଟି ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି। କନ୍ଧମାଳ ଜିଲ୍ଲା ମୁଖ୍ୟ କୋଚ ଭେନୁସ କୁମାର ନାୟକ ଏବଂ ପ୍ରକାଶ ଦିଗଲଙ୍କ ତତ୍ତ୍ୱାବଧାନରେ ରାଉରକେଲାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗୀତା ରେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀତା ରାଜ୍ୟ କ୍ୱାନକିଡୋ ମୁଖ୍ୟ ସଚ୍ଚିଦାନନ୍ଦ ବିଶ୍ୱାଳ, ବିଶ୍ୱଜିତ ବାରିକଙ୍କ ନେତୃତ୍ୱରେ ରାଉରକେଲା ସ୍ଥିତ ଦୀପିକା ଇଂରାଜୀ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା । ଏହାକୁ ରାଉରକେଲା ଏଡିଏମ ଶୁଭଙ୍କର ମହାପାତ୍ର, କ୍ୱାନକିଡୋର ସଭାପତି ସତ୍ୟବ୍ରତ ଓଝା, ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରବୀଣ ଶର୍ମା ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଏଥିରେ ନବୀନ ମଲ୍ଲିକ, କାହ୍ନା ଗୌଡ଼, ଆଦିତ୍ୟ ପ୍ରସାଦ କହଁର ସ୍ୱର୍ଣ୍ଣ ପଦକ ପାଇଥିଲା ବେଳେ ସଚ୍ଚିଦାନନ୍ଦ ନାୟକ,ପ୍ରାଂଚିଶ ପ୍ରଧାନ, ଦୁର୍ଯ୍ୟୋଧନ କହଁର ଓ ଆଦିତ୍ୟ ପ୍ରସାଦ ଚାରି ଜଣ ରୌପ୍ୟ ପଦକ ହାସଲ କରିଥିଲେ । ସେହିପରି ତାମ୍ର ପଦକ ଶଙ୍କର ମହାଙ୍କୁଡ଼ ,ଲୋରୀ ପ୍ରଧାନ ,ଲିଙ୍କୁ ଦିଗାଲ,ଆନ୍ଦ୍ରିୟ ଦିଗାଲ ଓ ଅଂଶୁମାନ କହଁର ହାସଲ କରି କନ୍ଧମାଳ ଜିଲ୍ଲା ପାଇଁ ଗୌରବ ଆଣିପାରିଛନ୍ତି।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ରାଇରଙ୍ଗପୁର ନଗରରେ ବିଜୟା ଦଶମୀ ଉତ୍ସବ ପାଳିତ

ରାଇରଙ୍ଗପୁର,୭/୧୦ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ରାଇରଙ୍ଗପୁର ନଗରରେ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ସଂଘର ପ୍ରତିଷ୍ଠା ଦିବସ ତଥା ସଂଘ ପାଳନ କରୁଥିବା ଛଅଟି ଉତ୍ସବ ମଧ୍ୟରୁ ଅନ୍ୟତମ ଉତ୍ସବ, ଆସୁରିକ ଶକ୍ତି ଉପରେ ଦୈବୀ ଶକ୍ତିର ବିଜୟ ସ୍ୱରୂପ ବିଜୟର ଉତ୍ସବ ଭାବେ ବିଜୟ ଦଶମୀ ଉତ୍ସବ ଆଁଳାଦୁବ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପୂର୍ବ ଯୋଜନା ଅନୁସାରେ ନଗରର ୯୦ ଜଣ ସ୍ୱୟଂ ସେବକ ନିଜର ପୂର୍ଣ୍ଣ ଗଣବେଶ ସହିତ ଦିନ ୧୧ଟାରେ ଶିଶୁ ବିଦ୍ୟାମନ୍ଦିରରରେ ଏକତ୍ରିତ ହୋଇ ଶାରୀରିକ ଅଭ୍ୟାସ ଓ ଭାଜନ ପାରେ ସଂଚାଳନ ପାଇଁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରେ ଏକତ୍ରିତ ହୋଇଥିଲେ। ଜଗନ୍ନାଥ ମନ୍ଦିର ଠାରୁ ଘୋଷ ସହିତ ସଂଚାଳନ ରାଇରଙ୍ଗପୁର ଗୋଲେଇ ଦେଇ ଆଁଳାଦୁବ ଶିଶୁ ବିଦ୍ୟା ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ସହରର ସ୍ଥାନେ ସ୍ଥାନେ ଫୁଲ ଦୀପ ଧୂପ ଦେଇ ମା ଓ ଭଉଣୀ ମାନେ ସ୍ୱାଗତ କରିଥିଲେ। ଶେଷରେ ପ୍ରକଟ କାର୍ଯ୍ୟକ୍ରମ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଥିଲା ।

## ପ୍ରତାରିତ ସାଧାରଣ ....

(ପୃଷ୍ଠା ୪ର ଅବଶିଷ୍ଟାଂଶ) ସାଧାରଣ ଅଜ୍ଞାନ ମଣିଷଙ୍କ ନିର୍ବୋଧତାର ସୁଯୋଗ ନେଇ ହାତଗଣତି କିଛି ଚତୁର କେଳେଙ୍କାରୀ ବିଜ୍ଞାନ ଏବଂ ଦର୍ଶନକୁ ବିକୃତ, ବିଭସ୍ତ କରି ବିପରୀତମୁଖୀ ଭୟାନକ ଚେତନା ପ୍ରେରଣ କରିଥା'ନ୍ତି ସମାଜରେ ଯାହା ସେମାନଙ୍କୁ ଯଥେଷ୍ଟ ସ୍ୱାର୍ଥ ହାସଲ କରିବାରେ ସାହାଯ୍ୟ କରିଥାଏ । ସାଧାରଣ ନିରୀହ, ନିର୍ବୋଧ ସେହି ପ୍ରତାରଣାପୂର୍ଣ୍ଣ ବିପରୀତମୁଖୀ ବାର୍ତ୍ତାକୁ ବୁଝିବାରେ ଅସମର୍ଥ ରହି ସେମାନଙ୍କ ମିଥ୍ୟା ଅଲୌକିକ ପ୍ରବଚନ ଗୁଡିକୁ ସତ୍ୟ ବୋଲି ବିଗ୍ଭରି ନିଜ ଜୀବନ ଧାରଣ ଶୈଳୀ ସହିତ ସମାନ୍ତରାଳ କରି ପରୋକ୍ଷରେ ପ୍ରତାରିତ ହୋଇଥା'ନ୍ତି ଜୀବନର ସବୁ ମୁହୂର୍ତ୍ତରେ । ଏହା ଆଜି କାଲିର ବିଷୟ ନୁହେଁ ବରଂ ଯୁଗ ଯୁଗର ବିଭୀଷିକା ଯାହା କେବଳ ଆମ ଦେଶ ନୁହେଁ ବରଂ ବିଶ୍ୱ ବ୍ୟାପି ସମସ୍ୟା । ଟଙ୍କା ଆସେ କୋଉଠୁ, ଟଙ୍କାର ସୃଷ୍ଟିକର୍ତ୍ତା କିଏ କାହାକୁ ଜଣାନଥିବା ବେଳେ ସେହି ଚତୁର ଗୋଷ୍ଠୀ ସେସବୁ ଜାଣି ଟଙ୍କାର ଉତ୍ପାଦାନକାରୀଙ୍କୁ ହିଁ ପ୍ରତାରିତ କରି ସେମାନଙ୍କ ଠାରୁ ପ୍ରତ୍ୟେକ୍ଷ ସମର୍ଥନ ହାସଲ ପୂର୍ବକ ପରୋକ୍ଷରେ ଲୁଟୁଥିବା ତାଙ୍କର ମହତ୍ୱ ବୁଝନ୍ତି ନାହିଁ ଯେଉଁମାନେ ତାକୁ ପ୍ରସ୍ତୁତ କରନ୍ତି । କି ଆଶ୍ଚର୍ଯ୍ୟ ଆମ ଦେଶ ଲୋକଙ୍କ ବିଗ୍ଭର ଯେ ଯିଏ ଆମକୁ ବଂଚିବାର ସୁଯୋଗ ଦେଉଛନ୍ତି ସେମାନେହିଁ ଆଜି ଆମ ସମାଜର ସବୁଠାରୁ ତଳ ସ୍ତରରେ ଅଛନ୍ତି ! ଆଉ ସେମାନଙ୍କୁ ଯିଏ ଲୁଟି ନିଜର କୋଷ ବୃଦ୍ଧି କରିବାରେ ସମର୍ଥ ହେଉଛନ୍ତି ସେମାନଙ୍କ ସାମାଜିକ ମାନ୍ୟତା ଶୀର୍ଷରେ ! ଏହି ବିଗ୍ଭରର ମୂଳ ପୁରୋଧା ଅଟନ୍ତି ଅଜ୍ଞାନ ଶିକ୍ଷିତ ଗୋଷ୍ଠୀ ଯାହାଙ୍କୁ ଏହି ତଳୁ ଉପରର ପାର୍ଥକ୍ୟ ସମୀକ୍ଷା କରିବା ଜ୍ଞାନ ଆଦୌ ନାହିଁ । ଆଉ ସେହି ଅଜ୍ଞାନ ଶିକ୍ଷିତଙ୍କୁ ନେଇ ଚତୁର କେଳେଙ୍କାରୀ ଦଳ ସମାଜରେ ଏମିତି ବିପରୀତମୁଖି ଅଜ୍ଞାନ ବିଭୀଷିକା ବିତରଣ କରୁଛନ୍ତି ଯାହାର ପୀଡିତ ହୋଇଥା'ନ୍ତି ସମଗ୍ର ସାଧାରଣ ମଣିଷ ସମାଜ । ସେମାନଙ୍କୁ ବୁଝାଇବ କିଏ ଏବଂ ସେମାନେ ଶୁଣିବେ କାହାକୁ......?!

+ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ ।
ଦୂରଭାଷ.: ୯୪୩୭୩୨୪୯୧୭.

## ରାଜ୍ୟରେ ନୂଆ ୬୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୭/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୪୭୦୫ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୬୩ ଆକ୍ରାନ୍ତଙ୍କ ମଧ୍ୟରୁ ୩୭ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୨୬ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୧୬୬ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୪୭୩୬ ରେ ପହଂଚିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୧୭ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୬୩ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୬, ବରଗଡ଼ ଜିଲ୍ଲାରେ ୪, ବଲାଙ୍ଗିର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୮, ଜଗତସିଂହପୁର ଜିଲ୍ଲାରେ ୧, ଯାଜପୁର ଜିଲ୍ଲାରେ ୩, ଝାରସୁଗୁଡ଼ା ଜିଲ୍ଲାରେ ୧, କଳାହାଣ୍ଡି ଜିଲ୍ଲାରେ ୧, କେନ୍ଦ୍ରାପଡ଼ା ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ୧, ନୟାଗଡ଼ ଜିଲ୍ଲାରେ ୪, ନୂଆପଡା ଜିଲ୍ଲାରେ ୫, ପୁରୀ ଜିଲ୍ଲାରେ ୬, ସମ୍ବଲପୁର ଜିଲ୍ଲାରେ ୨, ସୁନ୍ଦରଗଡ ଜିଲ୍ଲାରେ ୧୧ ଓ ଷ୍ଟେଟ ପୁଲରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଉଦ୍‌ଘାଟିତ ହେଲା ଡ.ରମାକାନ୍ତ ବେହେରା....

ପୌରୋହିତ୍ୟ କରି ଭୋଗରାଇ ମାଟିର ସୁଯୋଗ୍ୟ ସନ୍ତାନ ମୋର ବନ୍ଧୁ ଡ.ବେହେରାଙ୍କ ୮୦ତମ ଜନ୍ମଦିନରେ ଜାତି ଉଦ୍ଦେଶ୍ୟରେ ଏଭଳି ଏକ ଟ୍ରଷ୍ଟ ଗଠନ କରିବା ବିଶେଷ ଆନନ୍ଦର ବିଷୟ ବୋଲି କହିଥିଲେ । ଉତ୍ସବରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ରାଜ୍ୟ ସଦସ୍ୟ ତଥା ଟ୍ରଷ୍ଟର ସମ୍ପାଦକ କବି କାଳୀପଦ ପଣ୍ଡା ଯୋଗଦେଇ ଡ.ବେହେରାଙ୍କ ଭଳି ପ୍ରାଜ୍ଞପୁରୁଷ ନିଜ ଅର୍ଜିତ ଭୂସମ୍ପତ୍ତିର ଅଧିକାଂଶ ଅଂଶ ଭାଷା-ସାହିତ୍ୟ ଓ ସଂସ୍କୃତି ପାଇଁ ସମର୍ପିତ କରିବା ଭଳି ଘଟଣା ଅନ୍ୟମାନଙ୍କୁ ଯଥେଷ୍ଟ ପ୍ରେରଣା ଦେବା ସହ ଡ.ବେହେରାଙ୍କ କୃତି ଓ କୀର୍ତ୍ତିର ପର୍ଯ୍ୟାଲୋଚନା ପାଇଁ ଏହା କ୍ଷେତ୍ର ପ୍ରସ୍ତୁତ କରିବ ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ ଡ.ଅରବିନ୍ଦ ଗିରି, ଡ.ଶିରୀଶ ଚନ୍ଦ୍ର ଜେନା, ଓଡ଼ିଶା ସାହିତ୍ୟ ଏକାଡ଼େମୀର ବାଲେଶ୍ୱର ଜିଲ୍ଲା ପ୍ରତିନିଧି ଭରତ ଚନ୍ଦ୍ର ଦାଶ ପ୍ରମୁଖ ଡ.ବେହେରାଙ୍କ ସୃଷ୍ଟିର ଦିଗଦିଗନ୍ତ ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟମାନଙ୍କ ଦ୍ୱାରା ଡ.ବେହେରାଙ୍କ ୮୦ତମ ଜନ୍ମଦିନରେ ବନ୍ଦନା କରାଯାଇ ଶତାୟୁ ସାରସ୍ୱତ ଜୀବନର କାମନା କରାଯାଇଥିଲା । ଡ.ବେହେରାଙ୍କ ଲିଖିତ ଆରତି ବନ୍ଦନାକୁ କେତେକ କବୟିତ୍ରୀ ପରିବେଷଣ କରିଥିବା ବେଳେ ଯଦୁନାଥ ସାହୁ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ଦ୍ୱାରା ସଭା ସଞ୍ଚାଳନା ହୋଇଥିଲା ବେଳେ ଟ୍ରଷ୍ଟ ପକ୍ଷରୁ ଆଜୀବନ ସାରସ୍ୱତ ସାଧନା ପାଇଁ ପ୍ରଥମ ଟ୍ରଷ୍ଟର ସ୍ମୃତି ସମ୍ମାନ ବରିଷ୍ଠ ଲେଖକ ଡ.ଶ୍ରୀକାନ୍ତ ଚରଣ ପାତ୍ର, ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ଓ ସୁକୁମାର ଦାସଙ୍କୁ ପ୍ରଦାନ କରାଯାଇଥିଲା । ଡ.ବେହେରାଙ୍କ ଜନ୍ମମାଟି ଭୋଗରାଇ ସମେତ ସୋର, ବାଲେଶ୍ୱର ପ୍ରଭୃତି ବିଭିନ୍ନ ସ୍ଥାନରୁ ଯୋଗଦାନ କରିଥିବା ବରିଷ୍ଠ ଲେଖକମାନଙ୍କ ମଧ୍ୟରୁ ସନ୍ତୋଷ କୁମାର ପାତ୍ର, ସୁବାସ ଚନ୍ଦ୍ର ଦାସ, ବିପଦଭଞ୍ଜନ ମିଶ୍ର, ସୁଶାନ୍ତ କୁମାର ନାୟକ, ଦେବେନ୍ଦ୍ର ପ୍ରଧାନ, ଅଧ୍ୟାପକ ଚେମେଇ ଦାସ, ଚନ୍ଦ୍ରମୋହନ ମହାପାତ୍ର ପ୍ରମୁଖ ଡ.ବେହେରାଙ୍କୁ ଜନ୍ମଦିନରେ ଉପଢ଼ୌକନ ଓ ଉପାୟନ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜ୍ଞାପନ କରିଥିଲେ । 'ସୁବର୍ଣ୍ଣ ପ୍ରତିଷ୍ଠାନ' ପକ୍ଷରୁ ଡ.କେଶବ ଚରଣ ପଣ୍ଡା, ରମେଶ ଚନ୍ଦ୍ର ଜେନା, ଡ.ଶ୍ରୀକାନ୍ତ ଚରଣ ପାତ୍ର, ଅଧ୍ୟାପକ କମଳାକାନ୍ତ ଦାସ ପ୍ରମୁଖ ଡ.ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ କାଳୀପଦ ପଣ୍ଡାଙ୍କ ଦ୍ୱାରା ସମ୍ପାଦିତ ସାହିତ୍ୟ ପତ୍ରିକା 'ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ'ର ଶାରଦୀୟ ସଂଖ୍ୟା 'ମୋ ସାହିତ୍ୟ ମୋ ଜୀବନ' ଶୀର୍ଷକ ବିଶେଷାଙ୍କକୁ ଉନ୍ମୋଚନ କରାଯାଇଥିଲା । ରଣଜିତ ଦେ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଟ୍ରଷ୍ଟର ସମସ୍ତ ସଦସ୍ୟ ସଦସ୍ୟା ଓ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଗୁରୁମା'ମାନେ ଏହାକୁ ସଞ୍ଚାଳନାରେ ସହାୟତା ପ୍ରଦାନ କରିଥିଲେ ।

### ପୁଟିନଙ୍କ ପରମାଣୁ ଧମକକୁ ....

ପରମାଣୁ ଅସ୍ତ୍ରର ଯେକୌଣସି ବ୍ୟବହାର ପରେ ବିଶ୍ୱଯୁଦ୍ଧର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ବୋଲି ବାଇଡେନ୍ କହିଛନ୍ତି । ଯଦି ୟୁକ୍ରେନରେ ଛୋଟଧରଣର ପରମାଣୁ ଆକ୍ରମଣ ହୁଏ, ତେବେ ସେହି ଅଞ୍ଚଳ ଗୁଡ଼ିକରେ ଏହାର ସୁଦୁରପ୍ରସାରୀ ପରିଣାମ ଦେଖିବାକୁ ମିଳିବ । ଯାହା ପରେ ବ୍ୟାପକ ସମସ୍ୟା ସୃଷ୍ଟି ହେବ ବୋଲି ବାଇଡେନ୍ କହିଛନ୍ତି । ପୂର୍ବରୁ ବିଶେଷଜ୍ଞମାନେ ମଧ୍ୟ ୟୁକ୍ରେନ ବିରୋଧରେ ରୁଷ ଛୋଟଧରଣର ଆକ୍ରମଣ କରିପାରେ ବୋଲି କହିଥିଲେ । ନିକଟରେ ପୁଟିନ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରି ୟୁକ୍ରେନର ୪ଟି ଅଞ୍ଚଳକୁ ରୁଷରେ ମିଶାଇଛନ୍ତି । ଲୁହାନସ୍କ, ଡୋନେସ୍କ ଖେରସନ ଏବଂ ଝାପୋରିଜଝିଆ ଏବେ ରଷରେ ମିଶିବା ପରେ ୮୮ ଲକ୍ଷ ୟୁକ୍ରେନବାସୀ ରୁଷର ନାଗରିକ ପାଲିଟିବେ ବୋଲି ପୁଟିନ କହିଥିଲେ । ଏହି ୪ ଅଞ୍ଚଳ ରୁଷରେ ମିଶିବା ପରେ ଯଦି ପାଶ୍ଚାତ୍ୟ ଦେଶ ଆକ୍ରମଣ କରେ ତାହେଲେ ନିଜ ସୁରକ୍ଷା ପାଇଁ ରୁଷ ସମସ୍ତ ପ୍ରକାର ରଣନୀତି ଆପଣାଇବ ବୋଲି ପୁଟିନ କହିଥିଲେ ।

### ଧାମନଗର ଉପନିର୍ବାଚନ ପାଇଁ ....

ଶେଷ ତାରିଖ ଅର୍ଥାତ୍ ଅକ୍ଟୋବର ୧୪ ତାରିଖ ସୁଦ୍ଧା ଭୋଟର ତାଲିକାରେ ନାମ ଦରଜ କରିବା ପାଇଁ ଆବେଦନ କରିବା ସହ ତଥ୍ୟ ସଂଶୋଧନ ପାଇଁ ଆବେଦନ କରିପାରିବେ। ଧାମନଗର ଉପନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ପର୍ଯ୍ୟାପ୍ତ ସଂଖ୍ୟକ ଇଭିଏମ୍ ଓ ଭିଭିପ୍ୟାଟ୍ ମେସିନ୍ ମହଜୁଦ୍ ରହିଛି ଓ ପ୍ରଥମ ପର୍ଯ୍ୟାୟ ତନଖି କାର୍ଯ୍ୟ ଆସନ୍ତାକାଲିଠାରୁ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ବର୍ତ୍ତମାନ ୫୦୪ ଗୋଟି ବାଲାଟ୍ ୟୁନିଟ୍, ୫୦୪ଟି କଂଟ୍ରୋଲ ୟୁନିଟ୍ ଓ ୫୦୪ ଗୋଟି ଭିଭିପ୍ୟାଟ୍ ଜିଲ୍ଲା ପ୍ରଶାସନ ନିକଟରେ ମହଜୁଦ୍ ଅଛି, ଯାହାକି ଉପନିର୍ବାଚନରେ ବ୍ୟବହାର କରାଯିବ ।

## ଭାଜପା ମୁଖପାତ୍ରଙ୍କ ସହଯୋଗରେ ହେଲା ରାସ୍ତା ମରାମତି

ଖଇରା, ୦୭/୧୦(ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦପୁର ପଞ୍ଚାୟତ ଅଧୀନ ପାର୍ବତୀପୁର ଗ୍ରାମ ରାସ୍ତା ଯାତାୟାତ ଅନୁପଯୋଗୀ ହୋଇ ପଡିଥିଲା । ବିଶେଷ ଭାବେ ସକାଳ ହେଲେ ବିଭିନ୍ନ ସ୍କୁଲକୁ ଯାଉଥିବା ପିଲା ମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ବିଜେପି ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ ଘରକୁ ଆସିଥିବା ବେଳେ ଗ୍ରାମବାସୀ ମାନେ ସେମାନଙ୍କର ଦୁଃଖ ସେମାନଙ୍କୁ ଜଣାଇଥିଲେ । ଗୁରୁବାର ଠାକୁର ରଞ୍ଜିତ ଦାସ ଓ ବିଜେପି ଯୁବନେତା ଇଂ ରାଜେଶ ମହାକୁଡ ଆର୍ଥିକ ସହଯୋଗରେ ଗ୍ରାମବାସୀ ଙ୍କ ଉପସ୍ଥିତିରେ ରାସ୍ତାର ମରାମତି କରାଯାଇଛି । ଗ୍ରାମର ଅଧିବାସୀ ଗଜେନ୍ଦ୍ର ପତି, ମନୋଜ ପତି,ବିନୋଦ ପତି, ଚିତ୍ତ ଦାସ,ବୁନା ପତି ପ୍ରମୁଖ ମୁଖପାତ୍ର ଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ।

## ସରକାରୀ କଣ୍ଟ୍ରୋଲ ଦୋକାନରୁ ରାସନ ସାମଗ୍ରୀ ଚୋରି : ଥାନାରେ ମାମଲା

ଜଳେଶ୍ୱର, ୦୭/୧୦(ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ପଶ୍ଚିମବାର୍ଡ଼ ପଂଚାୟତର ନମକନା ଟେଗ୍ ସେଣ୍ଟରରୁ ଗତ ବିଳମ୍ବିତ ରାତିରେ ରାସନ ସାମଗ୍ରୀ ଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଦେବକୁମାର ଗାଁ ରିଟେଲର ରବିନ୍ଦ୍ର ମହାଲିକ ନମକନା ଗାଁରେ ନିଜର ଟେଗସେଣ୍ଟର ଖୋଲି ରେଳା ଓ ନମକନା ଗ୍ରାମର ହିତାଧିକାରୀଙ୍କୁ ରାସନ ସାମଗ୍ରୀ ଯୋଗାଇ ଆସୁଥିଲେ। ସେ ନମକନା ଗ୍ରାମର ବସନ୍ତ ଧଳଙ୍କ ଦୋକାନ ଘରକୁ ଭଡା ସୂତ୍ରରେ ନେଇ କଣ୍ଟୋଲ ଦୋକାନ ଚଳାଇ ଆସୁଥିବା ବେଳେ ଗତକାଲି ରାତ୍ରିରେ ତାଙ୍କ ଦୋକାନରୁ ୪୪ ବସ୍ତା ଚାଉଳ, ୫୫ଲିଟର କିରୋସିନୀ, କମ୍ପୁଟର ଓଜନ ମେସିନ୍ ଓ ୧ଟି ସିଲିଂ ଫେନ୍ ସହିତ ୨୦ଟି ଖାଲି ବୁରା ଚୋରି ହୋଇଯାଇଥିବା ନାମ୍ପୋ ଫାଣ୍ଡିରେ ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ଶ୍ରୀ ମହାଲିକ ଅପରାହ୍ନରେ ବିଡିଓ ପୁନମ୍ ରାଉତ, ଏମ୍ଆଇ ସାଗରିକା ରାଉତଙ୍କ ଅବଗତ କରାଇଛନ୍ତି । ସୂଚନାଯୋଗ୍ୟ ହିତାଧିକାରୀମାନେ ସେମାନଙ୍କ ରାସନ ପାଇବାରେ ବିଳମ୍ବ ହେବା ନେଇ ସଂଶୟ ପ୍ରକାଶ ପାଇଛି ।

## ଓଲମରାରେ ରାବଣପୋଡି : ଯୋଗ ଦେଲେ ସଂସ୍କୃତି ମନ୍ତ୍ରୀ



ଜଳେଶ୍ୱର, ୭/୧୦(ନି.ପ୍ର): ଜଳେଶ୍ୱର ବ୍ଲକର ଓଲମରା ଦୁର୍ଗାପୂଜା କମିଟି ପକ୍ଷରୁ ବୁଧବାର ସଂଧ୍ୟାରେ ଓଲମରା କଲେଜ ପଡିଆରେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ରାଇବଣିଆ ଥାନା ନିକଟସ୍ଥ ପୂଜା ମଣ୍ଡପରୁ ରାମ, ଲକ୍ଷ୍ମଣ, ହନୁମାନ ଓ ବିଭିଷଣ ବେଶରେ ୪ଜଣ କୁନି ପିଲାଙ୍କୁ ସଜାଇ ରାବଣ ପୋଲି ପଡିଆରେ ପହଞ୍ଚିଥିଲେ । ଓଡିଆ ଭାଷା ସାହିତ୍ୟ- ସଂସ୍କୃତି- ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଅଧର୍ମ ଉପରେ ଧର୍ମର ବିଜୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପୁନମ୍ ରାଉତ, ଆଇନ୍‌ଜିବୀ ଚିନ୍ମୟ ଦାସ, ପୂଜା କମିଟିର ଯତୀନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଧାମନଗର ଉପ ନିର୍ବାଚନ : କଂଗ୍ରେସ ପ୍ରାର୍ଥୀ ଚୟନ ଚୂଡାନ୍ତ ପର୍ଯ୍ୟାୟରେ

ଭଦ୍ରକ, ୦୭/୧୦(ନି.ପ୍ର): ଆସନ୍ତା ନଭେମ୍ବର ମାସ ୩ ତାରିଖ ଧାମନଗର ଉପ ନିର୍ବାଚନ। ଏବେର ବିଧାୟକ ବିଷ୍ଣୁ ସେଠୀଙ୍କ ମୃତ୍ୟୁ ପାଇଁ ଏହି ନିର୍ବାଚନର ଆବଶ୍ୟକତା ପଡ଼ିଛି। ଏଥି ନିମିତ୍ତ ନିର୍ବାଚନ କମିଶନଙ୍କ ପକ୍ଷରୁ ତାରିଖ ଘୋଷଣା ସରିଛି। ତେଣୁ ସ୍ୱଭାବିକ୍ ଭାବେ ସମସ୍ତ ରାଜନୈତିକ ଦଳଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହିକ୍ରମରେ କଂଗ୍ରେସର ୩ଜଣିଆ ବରିଷ୍ଠ ନେତୃମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ଆସି ଧାମନଗର ବ୍ଲକ ଧୁଷୁରୀ ବାହାରବିଲ ଠାରେ ପହଞ୍ଚି ଦଳୀୟ ସ୍ଥିତି ପରଖିଛନ୍ତି। ଉକ୍ତ ଟିମରେ ଆସିଥିବା ପ୍ରାକ୍ତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଡ. ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ବେହୁରିଆ ପ୍ରମୁଖ ଧାମନଗର କଂଗ୍ରେସ ଦଳର ବହୁ ବରିଷ୍ଠ ନେତାଙ୍କ ସମେତ ଉକ୍ତ ବିଧାନସଭା କ୍ଷେତ୍ରର ସମସ୍ତ ୪୪ ପଞ୍ଚାୟତ ଓ ଏକମାତ୍ର ବିଜ୍ଞାପିତ ଅଞ୍ଚଳରୁ ଆସିଥିବା ନେତୃବୃନ୍ଦଙ୍କ ସହ ଦଳର ପ୍ରାର୍ଥିତ୍ୱ ନେଇ ଆଲୋଚନା କରିଥିଲେ। ବିଶେଷ କରି ୩ରୁ ୪ଜଣ ଆଶାୟୀଙ୍କ ନାମ ଆଲୋଚନାର ପରିଧି ମଧ୍ୟକୁ ଆସିଥିବା ଜଣା ପଡ଼ିଛି। ତେବେ ସେମାନଙ୍କ ମଧ୍ୟରୁ କେଉଁ ପ୍ରାର୍ଥୀଙ୍କ ଦଳ ଚୟନ କଲେ ଦଳର ବିଜୟ ସୁନିଶ୍ଚିତ ହୋଇ ପାରିବ ସେଥି ନେଇ ସମସ୍ତ ବରିଷ୍ଠ ନେତୃମଣ୍ଡଳୀଙ୍କ ଠାରୁ ମତାମତ ନେଇଥିଲେ।

## ଅନ୍ତରର ସମସ୍ତ ସୁଖ ଦୁଃଖକୁ ଯେଉଁଠି ନିଃସଙ୍କୋଚରେ ବାଣ୍ଟି ହୁଏ ତାହାହିଁ 'ଫ୍ରେଣ୍ଡସିପ' : ରୋଟାରୀ କ୍ଲବ ଉଦଳା

ଉଦଳା, ୦୭/୧୦(ନି.ପ୍ର): ରୋଟାରୀ କ୍ଲବ ଉଦଳାର ମାସିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଚଳିତ ଅକ୍ଟୋବର ୪ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇ ଯାଇଛି । ଉଦଳାରେ ରୋଟାରୀ କ୍ଲବର ପ୍ରତିଷ୍ଠାତା ଇଂ. ସୁବାଷ ଚନ୍ଦ୍ର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଫ୍ରେଣ୍ଡସିପ ଓ ଫେଲୋସିପ ରୋଟାରୀ କ୍ଲବର ବିଜମନ୍ତ୍ର। ଯେଉଁ କ୍ଲବ ଏହାର ଉପଯୋଗ ଯେତେ ମାତ୍ରାରେ କରିପାରିଛି ସେହି ରୋଟାରୀ କ୍ଲବର ସମ୍ମାନ ସେତେ ମାତ୍ରାରେ ବୃଦ୍ଧି ପାଇଛି ବୋଲି ବ୍ୟକ୍ତ କରିଥିଲେ। କ୍ଲବର ଚଳିତ ବର୍ଷର ସଭାପତି ରୋଟାରିଆନ ହରେନ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆମ ଉଦଳା ରୋଟାରୀ କ୍ଲବ ଫ୍ରେଣ୍ଡସିପ ସହିତ ପ୍ରତି ମାସରେ ଗୋଟିଏ ଫେଲୋସିପ ପ୍ରୋଗ୍ରାମ କରି ସେଥିରେ ପରିବାର ବର୍ଗଙ୍କ ସମେତ ଇନରହ୍ୱିଲ କ୍ଲବର ସମସ୍ତ ସଦସ୍ୟାଙ୍କୁ ସାମିଲ କରି ଫ୍ରେଣ୍ଡସିପକୁ ବେଶ ମଜବୁଥ କରିପାରିଛି ବୋଲି ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ସୁଦର୍ଶନ ପ୍ରଧାନ, ଡ଼ା.ଶଚିଦାନନ୍ଦ ପରିଡ଼ା, ଜୟଗୋପାଳ ରାୟ, ବ୍ରହ୍ମାନନ୍ଦ ନାୟକ, ଦୋଳମଣୀ ପୁହାଣ, ଦୀପକ କୁମାର ଦାସ, ଜୟନ୍ତି ପଟ୍ଟନାୟକ, ପ୍ରେମଲତା ଜେନା, ପ୍ରହ୍ଲାଦ କୁମାର ଦାସ ପ୍ରମୁଖ ଅଂଶ ଗ୍ରହଣ କରି ଅନ୍ତରର ସମସ୍ତ ସୁଖ ଦୁଃଖକୁ ଯେଉଁଠି ନିଃସଙ୍କୋଚରେ ବାଣ୍ଟି ହୁଏ ତାହା ହିଁ 'ଫ୍ରେଣ୍ଡସିପ' ବୋଲି କହିବା ସହ ଉଦଳା ରୋଟାରୀ କ୍ଲବ ଏଥିପାଇଁ ଏକ ସୁନ୍ଦର ମାହୋଲ ତିଆରି କରିଛି ବୋଲି ଜଣାଇଥିଲେ। ଏହାପରେ ସାମୂହିକ ଭାବେ ସମସ୍ତ ରୋଟାରିଆନ, ଇନରହ୍ୱିଲର ସଦସ୍ୟା ଓ ରୋଟାରାକ୍ଟର ମାନେ ନାଚ ଗୀତ ଓ ମନରଂଜନ କାର୍ଯ୍ୟକ୍ରମରେ ନିଜକୁ ହଜାଇ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଚିତ୍ତରଂଜନ ବାରିକ, ଅବଜବନ୍ଧୁ ବାରିକ, ଅଶୋକ କୁମାର ମହାନ୍ତି, ଅଜୟ କୁମାର ବେହେରା, ସର୍ବେଶ୍ୱର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରତାପ କୁମାର ମହାନ୍ତି, ମନୋରଂଜନ ପାଢ଼ୀ, ଶୁଶାନ୍ତ କୁମାର ପଟ୍ଟନାୟକ, ସରୋଜ କୁମାର ପଣ୍ଡା, ଦିଲ୍ଲିପ କୁମାର ପାଟଯୋଶୀ ପ୍ରମୁଖ ସହଯୋଗ କରିଥିଲେ।

## ଦିବଂଗତ ଅମିତ ବେହେରାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୦୭/୧୦(ନି.ପ୍ର): ବାଲେଶ୍ୱରର ବିଶିଷ୍ଟ ଶିକ୍ଷୋଦ୍ୟୋଗୀ ଦିବଂଗତ ଅମିତ କୁମାର ବେହେରାଙ୍କ ଉଦ୍ଦେଶ୍ୟରେ 'ଫ୍ୟୁଚର ବାଲେଶ୍ୱର' ସଂଗଠନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ହୋଟେଲ ଫାଣ୍ଟାସିରେ ଶୁକ୍ରବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ଏଥିରେ ପୌରୋହିତ୍ୟ କରିବା ସହିତ ସ୍ୱର୍ଗତ ବେହେରାଙ୍କ କାର୍ଯ୍ୟଧାରା ଓ ବାଲେଶ୍ୱରର ଶିକ୍ଷ ବିକାଶ ଦିଗରେ ତାଙ୍କର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ସଂଗଠନର ସମ୍ପାଦକ ଦୁକୁଲୁ ଘଡ଼େଇ, କାଉନସିଲର ମୀନା ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ, ସମାଜସେବୀ ସିପ୍ରା ମହାପାତ୍ର, କିଶୋର ଦାସ, ଅଏନ ସେନ, ଦେବାଶିଷ ଦାସ, ଡାକ୍ତର ଶାନ୍ତନୁ ଦାସ, ଅକ୍ଷୟ ତ୍ରିପାଠୀ, ବିକ୍ରମ ପଣ୍ଡା, ନିରଂଜନ ପରିଡ଼ା, ସତ୍ୟଜିତ ମିଶ୍ର, ଶୁଭଙ୍କର ମହାପାତ୍ର, ପ୍ରତିମା ପଣ୍ଡା, ବିଚିତ୍ରାନନ୍ଦ ଦାସ, ରାଜେନ୍ଦ୍ର ଚାଟାର୍ଜୀ, ଗୌରାଙ୍ଗ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ପଣ୍ଡା, ରଂଜନ ପାଣିଗ୍ରାହୀ, ସୌମ୍ୟରଞ୍ଜନ ପାତ୍ର, ଶୁଭକାନ୍ତ ଦାସ, ସଂଯୁକ୍ତାରାଣୀ ବେହେରା, ଶୁଭାଶିଷ ଜେନା, ଅଶ୍ୱିନୀ ପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଜଣେ ସଫଳ ଉଦ୍ୟୋଗୀ ତଥା ବାସ୍ତବବାଦୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ଅବର୍ତ୍ତମାନ କେବଳ ବାଲେଶ୍ୱରର ଶିକ୍ଷାୟନ ନୁହେଁ ବରଂ ସମାଜସେବା କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତେ ମତ ପ୍ରକାଶ କରିଥିଲେ।

## ଚକ୍‌ଅର୍ଜୁନୀ ଗ୍ରାମରେ ମୁନି ସମାଜର ଜ୍ଞାନ ଯଜ୍ଞ



ଶାଳୀକୋଠା (ଜଳେଶ୍ୱର), ୦୭/୧୦(ନି.ପ୍ର): ଚକ୍‌ଅର୍ଜୁନୀ ଗ୍ରାମସ୍ଥ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନିଙ୍କ ବାସଭବନରେ ତାଙ୍କ ନାତୁଣୀ ଆନନ୍ଦମୟୀଙ୍କ ପଞ୍ଚମ ଶୁଭ ଜନ୍ମଦିନ ଶତାଧିକ, ଯୋଗଶିକ୍ଷକ-ଯୋଗଶିକ୍ଷୟତ୍ରୀ, ମୁନିରାଜ-ମୁନିରାଜ୍ଞୀ, ମୁନି-ମୁନିମତୀ, ମୁନିକୁମାର-ମୁନିକୁମାରୀ, ଜୀଜ୍ଞାଷୁ ଜନାର୍ଦ୍ଦନ, ସାହିପଡିଶା, ବନ୍ଧୁବାନ୍ଧବ ମାନଙ୍କ ଗହଣରେ ମହାସମାରୋହରେ ପାଳିତ ହୋଇଯାଇଛି । ସର୍ବପ୍ରଥମେ ସତ୍ୟ ପତାକା ଉତ୍ତୋଳନ କରାଯାଇଥିଲା । ସତ୍ୟ ପତାକାକୀ ଜୟ, ଆଦି ମୁନିଶ୍ୱର ଯୋଗେଶ୍ୱର ସଦଗୁରୁଦେବ ଶିବମୁନିଜୀ ମହାରାଜକୀ ଜୟ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜକୀ ଜୟ, ଶିବମୁନିଜୀଙ୍କର ସତ୍ୟ ସିଦ୍ଧାନ୍ତକୀ ଜୟ, ମାତୃଦେବକୀ ଜୟ ଧ୍ୱନୀରେ ଗଗନ ପବନ ମୁଖରୀତ ହୋଇଯାଇଥିଲା । ଯମ ନିୟମ ପାଳନ ସହିତ ପ୍ରତିଦିନ ମୁନିସମାଜର ଯୋଗସାଧନ ଜାରି ରଖି ଚାଲିଥିଲେ,ପ୍ରତ୍ୟେକ ମୁନି ପରିବାର ସୁଖ-ଶାନ୍ତି-ଆନନ୍ଦରେ କାଳାତିପାତ କରି ଚାଲିଥିବେ-ଏଥିରେ ସନ୍ଦେହର ଅବକାଶ ନାହିଁ । ସମସ୍ତ ବକ୍ତା ଏହା ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆନନ୍ଦମୟୀ ର ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ଶେଷରେ ଜେଜେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ ପରେ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରାଇ ଥିଲେ ।

## ଧାମନଗର ଉପନିର୍ବାଚନ : ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଶାସନିକ ପ୍ରସ୍ତୁତି ସମୀକ୍ଷା ବୈଠକ




ଭଦ୍ରକ, ୦୭/୧୦(ନି.ପ୍ର): ଉପନିର୍ବାଚନ କାର୍ଯ୍ୟ ପରିଚ୍ଛଳନା ନେଇ ଗତ ୫-୧୦-୨୦୨୨ରେ ଅନୁଷ୍ଠିତ ପ୍ରଥମ ପ୍ରଶାସନିକ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆରମ୍ଭ ହେବାକୁ ଥିବା ସଂପୃକ୍ତ ସମସ୍ତ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟର ଅଗ୍ରଗତି ନେଇ ଜିଲ୍ଲାପାଳଙ୍କ ଦ୍ୱାରା ସମୀକ୍ଷା କରାଯିବା ପାଇଁ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦ୍‌ଭାବନା ସଭାଗୃହରେ ପୂର୍ବାହ୍ନ ୧୦ ଘଟିକାରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ନିର୍ବାଚନୀ ପ୍ରସ୍ତୁତି ସମୀକ୍ଷା ବୈଠକରେ ଅନ୍ୟତମ ଉଚ୍ଚ ପଦାଧିକାରୀ ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ରାମଦାସ ଟୁଡୁ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ ଓ ଅତିରିକ୍ତ ନିର୍ବାହୀ ଅଧିକାରୀ (ପ୍ରଶାସନ) କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖଙ୍କ ସହ ସଂପୃକ୍ତ ବି.ଡ଼ି.ଓ., ତହସିଲଦାର, ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ଯାହାକୁ ଯାହା ଦାୟିତ୍ୱ ଦିଆଯାଇଛି ବିଳମ୍ବ ନକରି ଯଥା ଶୀଘ୍ର ଯୋଜନା ଓ ପ୍ରସ୍ତୁତି ଆରମ୍ଭ କରିବା ସହ ଧାର୍ଯ୍ୟ ସମୟ ପୂର୍ବରୁ ଶେଷ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ତିହିଡ଼ି ବ୍ଲକ୍ ର ୭୧ ଓ ଧାମନଗର ବ୍ଲକ୍ ର ୧୮୧ ସମୁଦାୟ ୨୫୨ ବୁଥର ନାମ ଠିକ୍ ଅଛିକି ନାହିଁ ତଦାରଖ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଗଲା । ବୁଥସ୍ତରୀୟ ସମସ୍ତ କାର୍ଯ୍ୟ ତଦାରଖ ପାଇଁ ସଂପୃକ୍ତ ବି.ଡ଼ି.ଓ. ତହସିଲଦାରମାନଙ୍କୁ କୁହାଯାଇଥିଲା । ପୋଲିଂ କର୍ମଚାରୀ ରୂପେ ଦାୟିତ୍ୱ ନିର୍ବାହ ପାଇଁ ଆଜି ମଧ୍ୟରେ ବିଭାଗୀୟ ମୁଖ୍ୟମାନେ ସେମାନଙ୍କ କାର୍ଯ୍ୟାଳୟର କର୍ମଚାରୀ ତାଲିକା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଗଲା । ବୁଥକୁ ମତଦାନ ପାଇଁ ଯାଇ ନପାରିବା ଅବସ୍ଥାରେ ଥିବା ଦିବ୍ୟାଙ୍ଗ ଏବଂ ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଭୋଟରମାନଙ୍କ ପାଇଁ ପ୍ରଥମ ଥର ପାଇଁ ଏହି ନିର୍ବାଚନରେ ପ୍ରଚଳନ ହେବାକୁ ଥିବା ଡ଼ାକ ଭୋଟ ବ୍ୟବସ୍ଥା ସମ୍ବନ୍ଧରେ ଜିଲ୍ଲାପାଳ ସୂଚନା ଦେବା ସହିତ ବି.ଏଲ୍.ଓ ଓ ଅନ୍ୟ କର୍ମଚାରୀମାନଙ୍କ ଜରିଆରେ ଏ ପ୍ରକାର ଭୋଟରମାନଙ୍କୁ ଚିହ୍ନଟ ପାଇଁ ସର୍ଭେ କରାଯିବା ସହ ଡ଼ାକଭୋଟ ପାଇଁ ଇଚ୍ଛୁକ ଥିବା ସେମାନଙ୍କ ସ୍ୱୀକୃତିପତ୍ର ସଂଗ୍ରହ କରାଯିବ ବୋଲି ପ୍ରକାଶ କରିଥିଲେ । ଉକ୍ତ ବର୍ଗର ଯେଉଁ ଭୋଟରମାନେ ଡ଼ାକଭୋଟ ମାଧ୍ୟମରେ ମତଦାନ ପାଇଁ ସମ୍ମତି ପ୍ରଦାନ କରିବେ ପରେ ସେମାନେ ଇଚ୍ଛା କଲେ ବି ବୁଥ୍ କୁ ଯାଇ ମତଦାନ କରପାରିବେ ନାହିଁ। ମାର୍କ କପିରେ ସେମାନଙ୍କ ନାମ ପାଖରେ ପୋଷ୍ଟାଲ ଭୋଟ ବୋଲି ଉଲ୍ଲେଖ ଥିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତି କହିଥିଲେ। ବୁଥକୁ ଯିବା ପାଇଁ ନିହାତି ଅକ୍ଷମ ଥିବା ଉକ୍ତ ଦୁଇବର୍ଗର ଭୋଟରଙ୍କ ପାଇଁ ସେମାନଙ୍କ ଇଚ୍ଛାନୁସାରେ ଏହି ଡ଼ାକ ଭୋଟ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ଏହି ବ୍ୟବସ୍ଥାରେ ଘରକୁ ଘର ବୁଲି ଚିହ୍ନଟ ଭୋଟରଙ୍କ ଡ଼ାକ ଭୋଟ ଜରିଆରେ ମତଦାନ ସଂଗ୍ରହ କରାଯିବା ପ୍ରକ୍ରିୟା ସମ୍ବନ୍ଧରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଟୁଡୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଧାମନଗର ଉପନିର୍ବାଚନରେ ନାମାଙ୍କନ ପତ୍ର ଦାଖଲ ପାଇଁ ଧାର୍ଯ୍ୟ ହୋଇଥିବା ଆଜିର ଆରମ୍ଭ ଦିନରେ କୌଣସି ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିନାହାଁନ୍ତି । ସୂଚନା ଯୋଗ୍ୟ କି ୭-୧୦-୨୨ ରୁ ୧୪-୧୦-୨୨ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ ଦିବସମାନଙ୍କରେ ପୂର୍ବାହ୍ଣ ୧୧ ଘଟିକାରୁ ଅପରାହ୍ଣ ୩ ଘଟିକା ମଧ୍ୟରେ ନାମାଙ୍କନ ପତ୍ର ଗ୍ରହଣ କରାଯିବା ନେଇ ବ୍ୟବସ୍ଥା ରହିଛି ।

## ପୋଖରୀରେ ପକାଇଲେ ବିଷ : ୨ କ୍ୟୁଣ୍ଟାଲ ମାଛ ନଷ୍ଟ

ଜଳେଶ୍ୱର, ୭/୧୦(ନି.ପ୍ର): ଜଳେଶ୍ୱର ବ୍ଲକର ଖୁଦିଆମାଝିସାହି ପଂଚାୟତର ବେହେରା ସାହି ଗ୍ରାମରେ ଥିବା ଚାଉଳିଆ ପୋଖରୀରେ କେହି ଦୁବୃତ୍ତ ବିଷ ପକାଇଦେବାରୁ ପୋଖରୀରେ ଥିବା ୨ କ୍ୟୁଣ୍ଟରୁ ଅଧିକ ମାଛ ମରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଏହି ସରକାରୀ ପୋଖରୀକୁ ଗ୍ରାମର ତୃପ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ବର୍ଷ ଲାଗି ପଂଚାୟତ ପକ୍ଷରୁ ନିଲାମ ଦିଆଯାଇଥିବା ବେଳେ ଆକ୍ରୋସମୂଳକଭାବେ କେହି ଏଥିରେ ବିଷ ପକାଇଥିବା ଅନୁମାନ କରାଯାଉଛି । ଏପରିକି ପୋଖରୀପାଣି ଦୁଷିତ ହେବା ସହିତ ବେଙ୍ଗ, ସାପ ଇତ୍ୟାଦି ମଧ୍ୟ ମରିଯାଇଥିବା ଜଣାଯାଇଛି । ଏ ସମ୍ପର୍କରେ ଗୋଷ୍ଠୀ ପକ୍ଷରୁ ସରପଂଚକୁ ଜଣାଇବା ବେଳେ ରାଇବଣିଆ ଥାନାରେ ଅଭିଯୋଗ କରିଥିବା ସଂପାଦକ ସସ୍ମିତା ଦାଶ, ସଭାନେତ୍ରୀ ଜ୍ୟୋସ୍ନା ସାମଲ, ସିଆର୍‌ପି ମାନିନୀ ସାମଲ, ନନ୍ଦିତା ବେହେରା, ଅନୀତା ଘୋଷ, ଗୀତା ସିଂହ, କଳ୍ପନା ସାମଲ, ସୁକାନ୍ତିଜେନା, ଆଲପନା ଦଳାଇ, ବିଦ୍ୟୁତ୍‌ପ୍ରଭା ଦାସ ପ୍ରମୁଖ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ରାଜ୍ୟସ୍ତରୀୟ ୬୮ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ

ଭୁବନେଶ୍ୱର, ୦୭/୧୦(ନି.ପ୍ର): ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ୬୮ତମ ବନ୍ୟପ୍ରାଣୀ ସପ୍ତାହ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ମାନବ ସମାଜ ଓ ବନ୍ୟପ୍ରାଣୀ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଜୈବବିବିଧତା ଦୃଷ୍ଟିରୁ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟ। ଆମ ରାଜ୍ୟରେ ବହୁ ବିରଳ ବନ୍ୟପ୍ରାଣୀ ବାସ କରୁଛନ୍ତି। ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ପାଇଁ ସହଯୋଗର ହାତ ବଢାଇବା ନିମନ୍ତେ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦିପ କୁମାର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ସ୍ଥାନୀୟ ଲୋକମାନଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ପରିବେଶ ପର୍ଯ୍ୟଟନସ୍ଥଳୀ ସ୍ଥାପନ ବିଷୟରେ ଉଲ୍ଲେଖ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ନୂତନ ପରିବେଶ ପର୍ଯ୍ୟଟନସ୍ଥଳ ଆଗାମୀ ଦିନରେ ବିକଶିତ କରିବାର ଯୋଜନା ରହିଛି ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଚଳିତ ଆର୍ଥିକ ବର୍ଷଠାରୁ 'ଅନୁକମ୍ପା' ପୋର୍ଟାଲ ଜରିଆରେ ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ତ୍ୱରିତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହା ଦ୍ୱାରା ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷକୁ ଅନେକ ମାତ୍ରାରେ ପ୍ରଶମିତ କରାଯାଇପାରିବ । ସେହିପରି ନନ୍ଦନକାନନକୁ ଅନ୍ତର୍ଜାତୀୟ ମାନର ପ୍ରାଣୀଉଦ୍ୟାନରେ ପରିଣତ କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ. ମୋନା ଶର୍ମା ତାଙ୍କ ଅଭିଭାଷଣରେ କହିଥିଲେ ଯେ, ବନ୍ୟପ୍ରାଣୀ ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ସ୍ଥାନୀୟ ଜନସାଧାରଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ଅଟେ। ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ସାମିଲ କରିବା ପାଇଁ ସେ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ଜୁନ୍ ୨୦୨୩ ସୁଦ୍ଧା ଶେଷ ହେବ ଲୋୟର ସୁକତେଲ ପ୍ରକଳ୍ପର ସ୍ପିଲ୍ ୱେ କାର୍ଯ୍ୟ

ଭୁବନେଶ୍ୱର, ୦୭/୧୦(ନି.ପ୍ର): ରାଜ୍ୟ ଜଳ ସଂପଦ ବିଭାଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ରାଜ୍ୟର ବିଭିନ୍ନ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଗୁରୁବାର ଆଭାସୀ ବୈଠକ ମାଧ୍ୟମରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ବନଖଣ୍ଡ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବଲାଙ୍ଗିର ଜିଲ୍ଲାର ଲୋୟର ସୁକତେଲ, ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଓ ବାଙ୍କତିରା ଜଳସେଚନ ପ୍ରକଳ୍ପ ଏବଂ ମୟୂରଭଞ୍ଜ ଜିଲ୍ଲାର ସୋନୋ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ଓ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ବ୍ୟାପକ ଆଲୋଚନା କରାଯାଇଥିଲା । ବୈଠକରୁ ଜଣାଯାଇଛି ଯେ, ଆଗାମୀ ଜୁନ୍-୨୦୨୩ ସୁଦ୍ଧା ଲୋୟର ସୁକତେଲ ପ୍ରକଳ୍ପର ସ୍ପିଲ୍ ୱେ କାର୍ଯ୍ୟ ଶେଷ ହେବ। ଏଥିପାଇଁ ପ୍ଲେଟ୍ ଗାର୍ଡର ଓ ଦକ୍ଷିଣ ପାର୍ଶ୍ୱ ଡାଇକ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ୨୦୨୧ ମସିହାରେ ଏହି ପ୍ରକଳ୍ପ ଅଧୀନରେ ୧୫୦୦୦ ହେକ୍ଟର ଓ ୨୦୨୨ ରେ ୧୭୦୦୦ ହେକ୍ଟର ସେଚାଞ୍ଚଳକୁଅତିରିକ୍ତ ଜଳସେଚନ ସୁବିଧା କରାଯାଇଥିବା ବେଳେ ଆଗାମୀ ଖରିଫ-୨୦୨୩ ସୁଦ୍ଧା ଆଉ ୮୦୦୦ ହେକ୍ଟର ଜମିକୁ ଜଳସେଚନ ପାଇଁ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା ।



'ଡ. ରମାକାନ୍ତ ବେହେରା ସାହିତ୍ୟ ଓ ସଂସ୍କୃତି ଟ୍ରଷ୍ଟ'ର ଶୁଭ ଉଦ୍‌ଘାଟନ ଅବସରରେ ସମ୍ମାନିତ ହେଉଛନ୍ତି ସାଗରିକା ଓ ଧ୍ୱନିପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ।

## ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ଶାରଦୀୟ ସମାବେଶ

ବାଲେଶ୍ୱର, ୦୭/୧୦(ନି.ପ୍ର): ସର୍ବଭାରତୀୟ ଗ୍ରାମ୍ୟବ୍ୟାଙ୍କ କର୍ମଚାରୀ ସଂଘ ସହ ଅନୁବନ୍ଧିତ ସଂଗଠନ 'ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ, ବାଲେଶ୍ୱର ଆଞ୍ଚଳିକ ଶାଖାର ଶାରଦୀୟ ସମାବେଶ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ବିଚିତ୍ରାନନ୍ଦ ତ୍ରିପାଠୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାବେଶକୁ ଉଦଘାଟନ କରିବା ସହିତ ସାମ୍ପ୍ରତିକ ସ୍ଥିତିରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ। ବିଶେଷ କରି ଜାତୀୟକରଣ ବ୍ୟାଙ୍କ କର୍ମଚାରୀଙ୍କ ଭଳି ସମାନ କାର୍ଯ୍ୟ କରି ମଧ୍ୟ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ କର୍ମଚାରୀଙ୍କୁ ଉଚିତ ସୁବିଧା ସୁଯୋଗ ନ ମିଳିବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ। ଏନେଇ ସଂଗଠନକୁ ସୁଦୃଢ଼ କରିବା ସହ ହକ ଆଦାୟ ପାଇଁ ପ୍ରସ୍ତୁତ ହେବାକୁ ଶ୍ରୀ ତ୍ରିପାଠୀ ଆହ୍ୱାନ ଦେଇଥିଲେ। ଉପ-ସଭାପତି ଅଜିତ କୁମାର ପଟ୍ଟନାୟକ, ରବୀନ୍ଦ୍ର ପ୍ରଧାନ, ବସନ୍ତ ଦାଶ ପ୍ରମୁଖ ସଂଗଠନର କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇ ସାଂଗଠନିକ କାର୍ଯ୍ୟ ଆଗେଇ ନେବା ସାଙ୍ଗକୁ ଦାବି ପୂରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

# କୁପାରୀରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ




ଖଇରା, ୦୭/୧୦(ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ଶୁକ୍ରବାର ଦିନ କୁପାରୀ ଅମ୍ବିକା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବାହ୍ନରେ ଶୁଭେନ୍ଦ୍ର ମୁନୀ ଉଦାସୀନ ସମ୍ମଳନୀକୁ ଉଦ୍‌ଘାଟନ କରିଥିଲେ । ପ୍ରଫୁଲ୍ଲ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ସଂଘର ସଭାପତି ବନମାଳି ନାୟକ ମୁଖ୍ୟ ଅତିଥି,ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ମୁଖ୍ୟ ବକ୍ତା,ସଂଘର ଯୁଗ୍ମ ସମ୍ପାଦକ ତପନ କୁମାର ତ୍ରିପାଠୀଏସ୍‌ବିଆଇ କୁପାରୀ ଶାଖାର ପରିଚାଳକ ଭୁବନାନନ୍ଦ ପାଣିଗ୍ରାହୀ, ଜିଲା ସଂଘର ସମ୍ପାଦକ ବସନ୍ତ କୁମାର ନାୟକ, ସହ ସମ୍ପାଦକ ବସନ୍ତ ଖୁଣ୍ଟିଆ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସରକାରୀ କର୍ମଚାରୀ ମାନେ ଅବସର ପରେ ବାକି ସମୟକୁ ସମାଜ କଲ୍ୟାଣରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସଂଘର ସମ୍ପାଦକ ଶତ୍ରୁଘ୍ନ ଦାସ ବିବରଣୀ ପାଠ କରିଥିଲେ । ମୁଖପତ୍ର ଅପରାହ୍ନ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ବିଭିନ୍ନ ବିଷୟରେ ପାରଦର୍ଶିତା ଲାଭ କରିଥିବା ଦାଶରଥି ମାଝୀ, ହରିହର ନାୟକ, ଡା ଅଜୟ କୁମାର ସେଣ୍ଠ, ତପନ କୁମାର ବେହେରା, ନାରାୟଣ ପ୍ରସାଦ ପେଡା, ସ୍ୱାଧୀନ ବିଶ୍ୱାଳ, ବିବେକାନନ୍ଦ ବେହେରା, ଜ୍ୟୋତିରେଖା ସେଠୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ବିଶିଷ୍ଟ ଶିଳ୍ପୀ ସ୍ୱର୍ଗତ ଅଶୋକ କୁମାର ସେଣ୍ଠ ଙ୍କୁ ମରୋଣଉର ସମ୍ମାନ ପ୍ରଦାନ କରାଯାଇଥିଲା ।

## ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୦୭/୧୦(ନି.ପ୍ର): ଓଡିଶା ସିଭିଲ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ସମସ୍ତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପ୍ରାର୍ଥୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ତାଲିକାର ପ୍ରଥମ ୩ଟି ସ୍ଥାନରେ ମହିଳାମାନେ ରହିବା ନିଶ୍ଚିତ ଏକ ଖୁସିର ବିଷୟ। ଲୋକମାନଙ୍କ ସେବା ଓ ଉନ୍ନତି ସଭିଙ୍କ ଲକ୍ଷ୍ୟ ହେଉ। ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

# ନୀଳଗିରିରୁ ଲମ୍ବିଛି ଘଟଗାଁ : ଋଣ କରାଇଦେବା ନାଁରେ ଲୁଟିଲେ ଲକ୍ଷାଧିକ ଟଙ୍କା; ଜଣେ ଗିରଫ

ନୀଳଗିରି, ୦୭/୧୦(ନି.ପ୍ର): ବିଭିନ୍ନ ଋଣ କରାଇ ଦେବା ନାଁରେ ନୀଳଗିରିରେ ମାତିଛନ୍ତି ଦଲାଲ। କେବଳ ନୀଳଗିରି ଅଂଚଳରେ ପାର୍ଦୁଭାବ ବିସ୍ତାର କରି ନ ଥିବା ବେଳେ ଆନ୍ତଜିଲ୍ଲାରେ ଏମାନଙ୍କର ପାର୍ଦୁଭାବର ଚେର ଲମ୍ବିଥିବା ବେଳେ ଶେଷରେ ଘଟଗାଁ ପୋଲିସ ନୀଳଗିରି ରେ ପହଂଚି କାହାଳିଆ ଗ୍ରାମର ଋଣ ଦଲାଲଙ୍କୁ ଗିରଫ କରିଛି । ପ୍ରାପ୍ତ ସୂଚନା ଅନୁସାରେ ପଣ୍ଡାପଡ଼ା ଥାନା ଅଧୀନସ୍ଥ ପଣ୍ଡାପଡ଼ା ଅଂଚଳର ଜଗବନ୍ଧୁ ପଲେଇଙ୍କୁ ନୀଳଗିରି ଥାନା ଅଧିନସ୍ଥ କାହାଳିଆ ଗ୍ରାମର ଉମାକାନ୍ତ ଦାସ ର ପୁଅ ପ୍ରଭାକର ଦାସ (ଭାଲୁ) ନିଜର ସହଯୋଗୀଙ୍କୁ ନେଇ କୁକୁଡ଼ା ଫାର୍ମ ହାଉସ ପାଇଁ ସବସିଡ ଲୋନ କରାଇ ଦେବା ଆଳରେ ଗତ ୨୧.୦୯.୨୨ରିଖରେ ଘଟଗାଁରେ ପହଂଚି ଜଗବନ୍ଧୁ ପଲେଇଙ୍କ ଠାରୁ ଏକ ଲକ୍ଷ କୋଡ଼ିଏ ହଜାର ଟଙ୍କା ନେଇ ଆସିଥିଲେ । ମାତ୍ର ଆଜି ହେବ, କାଲି ହେବ ବୋଲି କହି ଉଭୟ ପକ୍ଷ ମୋବାଇଲରେ କଥାବାର୍ତ୍ତା ହେଉଥିଲେ । ମାତ୍ର ଜଗବନ୍ଧୁ ପଲେଇ ଏହା ଠକାମି ବୋଲି ଜାଣି ପାରିଲା ପରେ ଶେଷରେ ଘଟଗାଁ ଥାନାରେ ଅଭିଯୋଗ କରିଥିଲେ । ଘଟଗାଁ ଥାନାର ଥାନା ଅଧିକାରିଣୀ ପ୍ରତିମାମଂଜରୀ ସାହୁ ନୀଳଗିରି ଥାନା ସହାୟତାରେ କାହାଳିଆ ଗ୍ରାମରୁ ଗୁରୁବାର ଭୋର ସମୟରେ ପ୍ରଭାକର ଦାସ କୁ ଗିରଫ କରିଛନ୍ତି । ଲୋନ୍ କରାଇ ଦେବା ବାବଦରେ ମୋବାଇଲ ଟ୍ରାପରୁ ମଧ ଜଡ଼ାପଡ଼ିଥିବାର ଘଟଗାଁ ଆଇ.ଆଇ.ସି. ପ୍ରତୀମା ମଂଜରୀ ସାହୁ ସୂଚନା ଦେବା ସହ ଏକ ଏ.ଟି.ଏମ. ଭାଙ୍ଗି ୨୨ଲକ୍ଷ ଲୁଟ ଘଟଣାରେ ନୀଳଗିରି ଅଧିନସ୍ଥ କାହାଳିଆ ଗ୍ରାମର ସନ୍ତୋଷ ଜେନା ଜଡ଼ିତ ଥିବାର ବିଶେଷ ସୂତ୍ରରୁ ଜଣାପଡ଼ିଥିବାବେଳେ ଢ଼େଙ୍କାନାଳର ଗଜିଆଁ ଥାନା ଅଂଚଳରେ ଉକ୍ତ ଏ.ଟି.ଏମ. ଲୁଟ ଘଟାରେ ନୀଳଗିରିକୁ ଆସିଥିବା ବେଳେ ସନ୍ତୋଷ ଜେନାକୁ ପାଇ ନ ଥିଷଲ । ସନ୍ତୋଷ ଜେନାଙ୍କ ନାମରେ ବିଭିନ୍ନ ଥାନାରେ ଅପରାଧ , ଲୁଟ ଆଦି ଘଟଣାରେ ସଂପୃକ୍ତି ଥିବା ଜଣାପଡ଼ିଛି ।

# ଫୁଟବଲ ପାଇଁ ମୟୂରଭଞ୍ଜ ପ୍ରକୃଷ୍ଟ କ୍ଷେତ୍ର

ଉଦଳା, ୦୭/୧୦(ନି.ପ୍ର): ବିରାଟପାଟ ଯୁବକସଂଘ ଆନୁକୂଲ୍ୟରେ ଶିମିଳିପାଳ ପାଦଦେଶରେ ଥିବା ପାଟଶାଣୀପୁର ଗ୍ରାମ ଠାରେ ୩୮ ତମ ଲାୟନ୍ସ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦୁଇଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟରେ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜର ବିଭିନ୍ନ ପ୍ରାନ୍ତରୁ ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ଖେଳରେ ଭୋଲାଗଡ଼ିଆର କିଙ୍ଗ କୋବ୍ରା ଦଳ, ଦିଗିନୂଆସାହିର ସିଂ ଏଣ୍ଡ ସିଂ ଦଳକୁ ୧-୦ ଗୋଲରେ ପରାସ୍ତ କରି ଚମ୍ପିଆନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଯୁବକ ସଂଘର ସଭାପତି କୋକିଳ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମୟୂରଭଞ୍ଜରେ ରାଜା ଶାସନ ଚାଲିଥିବା ସମୟରେ ଫୁଟବଲକୁ ଜାତୀୟ ଖେଳ ରୂପେ ଘୋଷଣା କରାଯାଇଥିଲା । ଫୁଟବଲ ପାଇଁ ମୟୂରଭଞ୍ଜରେ ପ୍ରକୃଷ୍ଟ କ୍ଷେତ୍ର ଥିବାର ଏହାର ବିକାଶ ପାଇଁ ସରକାର ପ୍ରତ୍ସାହନ ଯୋଗାଇଦେବା ଉଚିତ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଓଷ୍ଟାର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଚିତ୍ତରଂଜନ ପଳତା, କୁଣ୍ଡାବାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଗିରି, ବିରେନ୍ଦ୍ର କୁମାର ମଢ଼େଇ, ନିହାର ରଂଜନ ମୋଦି ଓ ଦୟାନିଧି ମହାନ୍ତ ଅତିଥି ଭାବରେ ଯୋଗ ଦେଇ ଓଡ଼ିଶା ସରକାର ହକି ପାଇଁ ଯେଉଁ ଭଳି ସୁନ୍ଦରଗଡ଼ ଜିଲ୍ଲାକୁ ପ୍ରାଧାନ୍ୟ ଦେବା ସହିତ ଭିତ୍ତି ଭୂମିକୁ ସଜାଡ଼ି ଦେଇଛନ୍ତି, ସେହିଭଳି ଫୁଟବଲ ପାଇଁ ମୟୂରଭଞ୍ଜକୁ ପ୍ରାଧାନ୍ୟ ଦିଅନ୍ତୁ ବୋଲି ନିଜ ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହାପରେ ଚମ୍ପିଆନ ଦଳକୁ ମୁଖ୍ୟ ଅତିଥି ୫୦ ହଜାର ଟଙ୍କା ଓ ଟ୍ରଫି, ରନର୍ସ ଅଫ ଦଳକୁ ୩୫ ହଜାର ଟଙ୍କା ଓ କପ୍, ତୃତିୟ ଓ ଚତୁର୍ଥ ଦଳକୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଖେଳ ପରିଚାଳନା ପାଇଁ ପଶ୍ଚିମବଙ୍ଗରୁ ଆସିଥିବା ଦୁଇ ମହିଳା ରେଫରୀ ମାହି ଟୁଡୁ ଓ ମୋନୀ ଖିଲାରି ସୁଚାରୁ ରୂପେ ନିଜର ଦାୟିତ୍ୱ ତୁଲାଇଥିଲେ । ସଦାନନ୍ଦ ସିଂ, ଭାଦ ସୋରେନ, ଶୁଭଙ୍କର ଖମାର୍ଡ଼ି ଏଥିରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ଶ୍ୟାମସୁନ୍ଦର ମୁର୍ମୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରୋମଦ ଚନ୍ଦ୍ର ସିଂ ବିବରଣୀ ପାଠ କରିଥିଲେ । ଅଧ୍ୟାପକ ଅଶୋକ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ମଧୁସୂଦନ ସିଂ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।



# ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀକୁ ହାଣିଲା ସ୍ୱାମୀ

ବସ୍ତା, ୦୭/୧୦(ନି.ପ୍ର): ପାରିବାରିକ ସମସ୍ୟା କୁ ନେଇ କରୁଣ ପରିଣତି। ସ୍ତ୍ରୀ କୁ କଟୁରିରେ ହାଣିଲା ସ୍ୱାମୀ। ଗୁରୁତର ଅବସ୍ଥାରେ ମେଡିକାଲ ରେ ଭର୍ତ୍ତି। କଟୁରି ଧରି ଥାନାରେ ଆତ୍ମ ସମର୍ପଣ କଲା ସ୍ୱାମୀ । ସୁଚନା ଅନୁଯାୟୀ ବାଲିଆପାଳ ଥାନା ହାସିମପୁର ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ସାହୁ ସିଂଲା ଥାନା ଅନ୍ତର୍ଗତ ନହଞ୍ଜରା ଗ୍ରାମର ଜୟନ୍ତୀ ପ୍ରଧାନଙ୍କୁ ୯ ବର୍ଷ ପୂର୍ବେ ବିବାହ କରିଥିଲେ, ବିବାହ ପରଠାରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା, ।ଏହାକୁ ନେଇ ସ୍ତ୍ରୀ ଜୟନ୍ତୀ ସ୍ୱାମୀ ଙ୍କ ପାଖରେ ନରହି ବାପଘରେ ରହୁଥିଲା ଏବଂ ସିଂଲା ଥାନା ସମ୍ମୁଖରେ କ୍ରୀଷ୍ଟା ନାମକ ଏକ ବିୟୁଟି ପାର୍ଲର କରିଥିଲେ। ଏହି ଘଟଣାକୁ ନେଇ ପୂର୍ବରୁ ଉଭୟ ବାଲିଆପାଳ ଏବଂ ସିଂଲା ଥାନାରେ ପୃଥକ ପୃଥକ ମାମଲା ରହି ଅଛି, ଆଜି ସ୍ୱାମୀ ପୂର୍ଣ୍ଣ ଚନ୍ଦ୍ର ଏକ କଟୁରୀ ଧରି ବିୟୁଟି ପାର୍ଲର ରେ ପହଞ୍ଚି ଜୟନ୍ତି ଙ୍କୁ ଅତର୍କିତ ଆକ୍ରମଣ କରିଥିଲେ, ପରେ କଟୁରୀ ସହିତ ସିଂଲା ଥାନାରେ ଆତ୍ମସମର୍ପଣ କରିଛନ୍ତି, ସ୍ୱାମୀ । ସମାଜସେବୀ ଭଜହରିପରିଡା ଓ ସ୍ଥାନୀୟ ଲୋକେ ଗୁରୁତର ଜୟନ୍ତୀ କୁ ବସ୍ତା ଡ଼ାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ, ସ୍ୱାମୀ ପୂର୍ଣ୍ଣ ଚନ୍ଦ୍ର ସବୁ ସମୟରେ ମଦ୍ୟପାନ କରି ଜୟନ୍ତୀ କୁ ମାରଧର କରୁଥିବାରୁ ଏହି ବିବାଦ ରହିଥିବା କଥା କହିଛନ୍ତି । ଆସାମି ସ୍ୱାମି ପୂର୍ଣ୍ଣ ଚନ୍ଦ୍ର ବିଷପାନ କରିଦେଇଛି । ସିଂଲା ଥାନାର ବଡ ବାବୁ ପ୍ରଶାନ୍ତ ଜେନା ଆସାମୀଧରି ବସ୍ତା ଡାକ୍ତର ଖାନାକୁ ଆଣିଥିବା ଜଣାପଡିଛି ।



## ରାଜଧାନୀରେ ୫ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୦୭/୧୦(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶୁକ୍ରବାର ମୋଟ ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୧୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୯୭୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୪ ହଜାର ୨୬୨ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୪୯୬ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୩ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ସ୍ୱର୍ଣ୍ଣ ପଦକ ବିଜେତା ପାର୍ବତୀଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା

ବାରିପଦା, ୦୭/୧୦(ନି.ପ୍ର): ଗୁଜୁରାଟର ଅହମଦାବାଦ ଠାରେ ଅନୁଷ୍ଠିତ ୩୬ ତମ ଜାତୀୟ କ୍ରୀଡାରେ ଓଡିଶା ରଗବି ଫୁଟବଲ ସିନିୟର ଦଳ ମହାରାଷ୍ଟ୍ରକୁ ପରାସ୍ତ କରି ଚମ୍ପିୟାନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛି ଓ ଏହି ଦଳରେ ଥିବା ମୟୁରଭଂଜର ଏକମାତ୍ର ଖେଳାଳି ପାର୍ବତୀ ହାଁସଦା ବାରିପଦାରେ ପହଂଚିବା ପରେ ଭବ୍ୟ ସମ୍ବର୍ଦ୍ଧନା ଦିଆ ଯାଇଛି ଓ ଜଗନ୍ନାଥ ମନ୍ଦିର ସମ୍ମୁଖରେ ତାଙ୍କ ପିତାମାତା, ତାଙ୍କର ଜନ୍ମ ସ୍ଥାନ ଭୁଡୁରୁବଣୀ ଗ୍ରାମର ଗ୍ରାମବାସୀ, ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ତଥା ପ୍ରଶିକ୍ଷକ ଦିବ୍ୟ ରଂଜନ ଦାସ, ସାଥି ଖେଳାଳି ଓ ସଦସ୍ୟ ବୃନ୍ଦ, ମୟୁରଭଂଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅମର କୁମାର ସେଠି, ଅମ୍ବିକା ରାଉତ, ଗଣ ମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସଦସ୍ୟ ଉମେଶ ସାହୁ, ଶିକ୍ଷକ ଦୀପକ ରାମ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଥିଲେ । ଖବର ପାଇ ବାରିପଦା ବିଧାୟକ ପ୍ରକାଶ ସୋରେନ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରକାଶ ଥାଉକି ପାର୍ବତୀ ରାଣୀଭୋଳ ଆଶ୍ରମ ସ୍କୁଲରେ ପଢୁଥିବା ବେଳେ ପ୍ରଧାନ ଶିକ୍ଷକ କମଳାକାନ୍ତ ପ୍ରହରାଜଙ୍କ ପ୍ରେରଣା ପାଇ ରଗବି ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ ଓ ପିତାମାତାଙ୍କ ବିରୋଧ ସତ୍ତ୍ୱେ ନିଜ ଜିଦରେ ଅଟଳ ଥିବା ପାର୍ବତୀ କୋଚ ଦିବ୍ୟ ରଂଜନ ଦାସଙ୍କ ଠାରୁ ପ୍ରଶିକ୍ଷଣ ପାଇ ଓଡିଶା ଦଳରେ ସ୍ଥାନ ପାଇଥିଲେ । ତେବେ ବାଙ୍ଗିରିପୋଷି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ପାର୍ବତୀଙ୍କୁ ଅଭିନନ୍ଦନ ଜଣାଇବାସହ ରଗବି କିଟ ପ୍ରଦାନ କରିଛନ୍ତି । ସେହିପରି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି ଅଭିନନ୍ଦନ ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ମୋରଡା ବିଧାୟକ ରାଜକିଶୋର ଦାସ ପାର୍ବତୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।



## ପ୍ରାଣନାଥ ପଟ୍ଟନାୟକ ସ୍ମୃତି ସମାରୋହ

ଭୁବନେଶ୍ୱର, ୦୭/୧୦(ନି.ପ୍ର): ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କୃଷକ ଆନ୍ଦୋଳନର କିମ୍ବଦନ୍ତୀ ପୁରୁଷ, ଶିକ୍ଷାବିତ୍ ତଥା ପୂର୍ବତନ ବିଧାୟକ ପ୍ରାଣନାଥ ପଟ୍ଟନାୟକଙ୍କର ୫୨ତମ ସ୍ମୃତି ସମାରୋହ ଗତ ୫ ତାରିଖଦିନ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଦଳର ବରିଷ୍ଠ ନେତା କମ୍ରେଡ୍ ଆଶିଷ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ରାମକୃଷ୍ଣ ପଣ୍ଡା, ବିଶ୍ୱ ଶିକ୍ଷକ ମହାସଂଘର ସଭାପତି ଡ. ଅମିୟ ମହାନ୍ତି ଓ ଭୁବନେଶ୍ୱର ଅଂଚଳ କମିଟିର ସମ୍ପାଦକ ସୁର ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କମ୍ରେଡ୍ ପ୍ରାଣନାଥ ପଟ୍ଟନାୟକଙ୍କ ବିପ୍ଳବୀ ଓ ସଂଗ୍ରାମମୟ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଭାରତବର୍ଷରେ ସାମ୍ପ୍ରଦାୟିକ ଫାସୀବାଦୀ ମତାଦର୍ଶରେ ବିଶ୍ୱାସ କରୁଥିବା ଶକ୍ତିମାନେ ଦେଶର ଗଣତନ୍ତ୍ର, ସମ୍ବିଧାନ ଓ ଧର୍ମନିରପେକ୍ଷତାକୁ ବିପନ୍ନ କରିଚାଲିଥିବାବେଳେ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମ ନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହୋଇ ସଂଗ୍ରାମ ଚଳାଇବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ପାଇକରାୟ, ଜୟନ୍ତ ଦାସ, ଲୋକନାଥ ଭୋଇ, କୈଳାସ ପୁହାଣ, ଶରତ ସ୍ୱାଇଁ, ଶଙ୍କର ବାରିକ ଓ ଛେତମ୍ବର ଭୋଇ ପ୍ରମୁଖ ଉପସ୍ଥିତ ରହି ପ୍ରୟାତ ନେତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ।

**AFFIDAVIT**

By virtue of an affidavit before Notary Balasore. I Smt. Mamita Bugudai, aged 50 year, W/o. Hemendra Bugudai, At/ P.O.- Khannagar, P.S.- Sadar, Dist-Balasore, State that before my marriage my name was Mamita Rani Parida, D/o- Late Maheswar Parida. After marriage my name is Mamita Bugudai, according to Hindu Law. So my name has been changed from Mamita Rani Parida to Mamita Bugudai. That my name has been mentioned in my RPLI Policy vide Policy No. R-OR-EA-585486 as Mamita Rani Parida. So Mamita Bugudai & Mamita Rani Prida is one and same person.

**Smt. Mamita Bugudai**

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo